CMYK

- Vol.- 44, Issue No. 287
- Saturday, 18 January 2025
- ଶନିବାର, ୧୮ ଜାନୁୟାରୀ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

Web: www.dinalipi.com, E-mail: dinalipinews@gmail.com

## ଶ୍ରୀମନ୍ଦିରରେ ଫେବୃଆରୀ ୧ରୁ ଧାଡ଼ି ଦର୍ଶନ !

ପୁରୀ,୧୭।୧ : ଫେବୃଆରୀ ୧ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ହୁଣ୍ଡି ସ୍ଥାନାନ୍ତର ପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥାରେ ବିଳମ୍ବ ହେଉଛି। ଏଥିପାଇଁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପ୍ରକ୍ରିୟା କିଛି ଦିନ ଗଡ଼ିପାରେ। ତେବେ ଫେବୃଆରୀ ପହିଲାରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇପାରେ। ହୁଣ୍ଡି ସ୍ଥାନାନ୍ତର ପାଇଁ କିଛି ଅନୁମତି ଆବଶ୍ୟକତା ରହିଛି। ସେହି ପ୍ରକ୍ରିୟା ସରିବା ପରେ ଧାଡ଼ି ଦର୍ଶନ ପାଇଁ ଷ୍ଟ୍ରକଚର ଇନଷ୍ଟଲ୍ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି।

# ସିରିଡି ଓ ନାସିକକୁ ତୀର୍ଥଯାତ୍ରା



ଭୁବନେଶ୍ୱର/ପୁରୀ,୧୭।୧(ନିପ୍ର): ଆପଣମାନେ ଯେପରି ଖୁସି ମନରେ ତୀର୍ଥଯାତ୍ରା କରିବାକୁ ଯାଉଛନ୍ତି, ସେହିଭଳି ସୁସ୍ଥ ଓ ନିରାପଦ ଭାବେ ତୀର୍ଥଯାତ୍ରା ସମ୍ପନ୍ନ କରି ଅଶେଷ ପୁଣ୍ୟ ଅର୍ଜନ କରି ଘରକୁ ଫେରନ୍ତୁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି।

ଭୁବନେଶ୍ୱର ରେଳ ଷ୍ଟେସନଠାରୁ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ୮୦୦ ଜଣ ବରିଷ୍ଠ ନାଗରିକ ମହାରାଷ୍ଟ୍ରର ପ୍ରସିଦ୍ଧ ତୀର୍ଥସ୍ଥଳୀ ସିରିଡି ଓ ନାସିକ ଦର୍ଶନ ପାଇଁ ଆଜି ଯାତ୍ରା ଆରମ୍ଭ କରିଛନ୍ତି । ନାଗରିକମାନଙ୍କ ଆଧ୍ୟାତ୍ମିକ ଓ ଧାର୍ମିକ ଆକାଂକ୍ଷା ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇଛି । ଚଳିତ ବର୍ଷ ରାଜ୍ୟର ୮୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ୧୦ଟି

- ୬ ଜିଲ୍ଲାରୁ ଗଲେ ୮୦୦ ବରିଷ୍ଠ ନାଗରିକ
- ସେମାନଙ୍କ ମୁହଁରେ ହସ ଫୁଟିଲେ ମୋ ପାଇଁ ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ
- ୮୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ହୋଇଛି ତୀର୍ଥଭ୍ରମଣର ବ୍ୟବସ୍ଥା

ପୁରୀରୁ ୧୧୭ଜଣ ଯାତ୍ରୀ ଅନ୍ତର୍ଭୁକ୍ତ। ମୁଖ୍ୟମନ୍ତ୍ରୀ ପାରମ୍ପରିକ ପୂଜା ସହିତ ପତକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥି ସହିତ ଟ୍ରେନ ଭିତରେ ବୁଲି ବୁଲି ତୀର୍ଥଯାତ୍ରୀମାନଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟର ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ପର୍ଯ୍ୟାୟରେ ସିରିଡି, ନାସିକ, କୋଲକତା ଦକ୍ଷିଣକାଳୀ, କାମାକ୍ଷା, ଅଯୋଧ୍ୟା, ବାରଣାସୀ ଆଦି ତୀର୍ଥସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାୟଗଡା ଓ ବାଲେଶ୍ୱର ଷ୍ଟେସନରୁ ଦୁଇଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଟ୍ରେନ ଚଳାଚଳ କରିବ । ସେ ଆହୁରି କହିଥିଲେ ଯେ, ଭାରତୀୟ ସଂସ୍କୃତିକୁ ଏକ ସୂତ୍ରରେ ବାନ୍ଧି ରଖିଛି ଆମ ମନ୍ଦିର ପରମ୍ପରା । ସେଥିପାଇଁ ପ୍ରତ୍ୟେକ ଭାରତୀୟମାନେ ତୀର୍ଥସ୍ଥଳୀ ଓ ମନ୍ଦିର ପରିଦର୍ଶନ କରିବା ପାଇଁ ମନ ଭିତରେ ସବୁ ବେଳେ ଆଶା ରଖିଥାନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତୀର୍ଥଯାତ୍ରୀମାନେ ଯେପରି ସୁରୁଖୁରୁରେ, ସୁବିଧାରେ ଭ୍ରମଣ ଓ ଦର୍ଶନ କରିପାରିବେ ସେଥିପାଇଁ ସେମାନଙ୍କ ସହିତ ପୂରା ଯାତ୍ରା ସମୟ ପାଇଁ ସ୍ୱତନ୍ତ୍ର ଅଧିକାରୀ, ଗାଇଡ୍ ଓ ଡାକ୍ତରୀ ଦଳର ବ୍ୟବସ୍ଥା କରାଯାଇଛି । ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ନୂଆ ସରକାର ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ଉତ୍ତମ ଜୀବନଯାପନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ବରିଷ୍ଠ ନାଗରିକମାନେ ସୁସ୍ଥ ରହିଲେ, ସେମାନଙ୍କ ମୁହଁରେ ହସ ଫୁଟିଲେ, ସେଇଟା ହିଁ ହେବ ରାଜ୍ୟ ପାଇଁ ବିଶେଷ କରି ମୋ ପାଇଁ ବଡ଼ ଆଶୀର୍ବାଦ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ଆମ ରାଜ୍ୟର ସାଂସ୍କୃତିକ ପର୍ଯ୍ୟଟନର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ହେଉଛି ଏକ ଅନନ୍ୟ କାର୍ଯ୍ୟକ୍ରମ ।

## ୩୧ରୁ ବଜେଟ୍ ଅଧିବେଶନ



ନୂଆଦିଲ୍ଲୀ,୧୭।୧ : ସଂସଦର ବଜେଟ୍ ଅଧିବେଶନ ଜାନୁଆରି ୩୧ରୁ ଆରମ୍ଭ ହେବ। ପ୍ରଥମ ଦିନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ହେବ ଏବଂ ଫେବୃଆରି ପହିଲାରେ ବଜେଟ୍ ଉପସ୍ଥାପନ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ । ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରି ୩୧ରୁ ଫେବୃଆରି ୧୩ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ।

## ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ସିହ୍ନା



କଟକ,୧୭।୧(ନିପ୍ର): ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତି ପାଇଛନ୍ତି ଜଷ୍ଟିସ ଅରିନ୍ଦମ ସିହ୍ନା । ଚଳିତ ମାସ ୧୯ରେ ବର୍ତ୍ତମାନର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଅବସର ନେବେ। ଫଳରେ ତାଙ୍କ ସ୍ଥାନରେ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି । ଆସନ୍ତା ଜାନୁଆରୀ ୨୦ତାରିଖରୁ ଜଷ୍ଟିସ ଅରିନ୍ଦମ ସିହ୍ନା ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱ ଗ୍ରହଣ କରିବେ।

## ନବ ଦାସଙ୍କ ଭାଇଙ୍କ ଘରେ ଆୟକର ଚଢ଼ାଉ




ସମ୍ବଲପୁର,୧୭।୧: ବିକେଡି ହାଉସ ଓ ଅଫିସରେ ଆଇଟି(ଆୟକର ବିଭାଗ) ଚଢ଼ଉ ହୋଇଛି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ଭାଇ ବ୍ରଜ କିଶୋର ଦାସଙ୍କ ଘରେ ଆୟକର ଚଢାଉ ହୋଇଛି। ସମ୍ବଲପୁର ଧନକଉଡ଼ାସ୍ଥିତ ତାଙ୍କ ବାସଭବନ, ଭଡ଼ାଘରେ ଓ କାର୍ଯ୍ୟାଳୟରେ ଚଢାଉ କରାଯାଇଛି। କୋଟି କୋଟି ଟଙ୍କାର ଆୟକର ଫାଙ୍କିବା ଅଭିଯୋଗରେ ଏହି ଚଢ଼ଉ ହୋଇଛି। ଆୟକର ବିଭାଗର ୨ ଟିମ୍ ଚଢ଼ଉରେ ସାମିଲ ଅଛନ୍ତି। ୧୦ଟି ଇନୋଭା ଗାଡ଼ିରେ ଆଇଟି ଟିମ୍ ଆସି ଚଢାଉ କରିଥିବା ସୂଚନା ମିଳିଛି। ତେବେ ବିକେଡି ଅଫିସ୍ ଓ ଘରେ ବ୍ରଜ ଦାସଙ୍କ ବହୁ ଦାମୀ କାର୍ ରହିଥିବା ଦେଖିବାକୁ ମିଳିଛି। ତେବେ ସମସ୍ତ ଗାଡ଼ିର ସମାନ ନମ୍ବର ୫୯୯୫ ରହିଛି। ମାଲିକ ବ୍ରଜକିଶୋର ଦାସ ସମ୍ବଲପୁରରେ ନ ଥିବାବେଳେ ତାଙ୍କ ପରିବାର ଓ ଅଫିସ କର୍ମଚାରୀକୁ ନେଇ ଆୟକର ବିଭାଗ ଚଢାଉ କରିଥିବା ଏକ ସୂତ୍ରରୁ ପ୍ରକାଶ।

# ଓଡ଼ିଶା ସମୃଦ୍ଧିରେ ସହଯୋଗ କରିବ ସିଙ୍ଗାପୁର

ଭୁବନେଶ୍ୱର,୧୭।୧: ଓଡ଼ିଶା ଗସ୍ତରେ ଥିବା ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ୍ ଶୁକ୍ରବାର ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ସିଙ୍ଗାପୁର ଏବଂ ଓଡ଼ିଶା ରାଜ୍ୟ ମଧ୍ୟରେ ବଢୁଥିବା ଭାଗିଦାରିତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ସେ ଚିହ୍ନିତ କରିଛନ୍ତି।ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ବିମାନବନ୍ଦରଠାରେ ସ୍ୱାଗତ କରିଥିଲେ । ସମ୍ପର୍କ ଗଭୀର ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହ ବ୍ୟକ୍ତ କରି କହିଛନ୍ତି ଯେ କରିବା ପାଇଁ ଓଡ଼ିଶା ସରକାର ଏବଂ ବିଭିନ୍ନ ସିଙ୍ଗାପୁରର ସଂସ୍ଥାଗୁଡ଼ିକ ମଧ୍ୟରେ ୮ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା କ୍ଷେତ୍ର ପାଇଁ ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଆଇଆଇଟି ଭୁବନେଶ୍ୱର ଏବଂ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭରସିଟି, ସିଙ୍ଗାପୁର ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସେହିଭଳି, ଇଣ୍ଡଷ୍ଟ୍ରିଆଲ୍ କ୍ଷେତ୍ର ପାଇଁ ଇଡକୋ ଏବଂ ସେମ୍ବକର୍ପ, ସିଙ୍ଗାପୁର, ନୂତନ ସହରର ବିକାଶ ପାଇଁ ଟିକିଏ

- ୮ ପ୍ରକଳ୍ପ ନେଇ ଏମଓୟୁ ସ୍ୱାକ୍ଷରିତ
- ଓଡ଼ିଶା ଦକ୍ଷତା ବିକାଶକୁ ରାଷ୍ଟ୍ରପତି ଶ୍ରୀ ଥର୍ମନଙ୍କ ପ୍ରଶଂସା
- ସିଙ୍ଗାପୁର-ଓଡ଼ିଶା ସହଯୋଗର ରହିଛି ଅପାର ସମ୍ଭାବନା: ମୁଖ୍ୟମନ୍ତ୍ରୀ




ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ସହଯୋଗ ପାଇଁ ଅପାର ସମ୍ଭାବନା ରହିଛି। ଏହି ଗସ୍ତ ସମୟରେ ଶ୍ରୀ ଥର୍ମନ୍ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଭର୍ଟିକାଲ୍ ଟ୍ରାନ୍ସପୋର୍ଟ ଲ୍ୟାବ୍ ଏବଂ ଟ୍ରାଭେଲେଟର ଲ୍ୟାବ୍ ପରିଦର୍ଶନ କରିଥିଲେ । ବୈଷୟିକ ଶିକ୍ଷା ଏବଂ ନବସୃଜନ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଇ ଛାତ୍ର ଓ ପ୍ରଶିକ୍ଷକଙ୍କ ସହ କଥାବାର୍ତ୍ତା କରିଥିଲେ। ଏହି ସମୟରେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ମଜଭୁତ ଏବଂ ସୁରଚନ କୁରୋଙ୍ଗ, ସିଙ୍ଗାପୁର, ଗ୍ରୀନ ହାଇଡ୍ରୋଜେନ ଜରିଚର୍ ଇପିକଲ ଏବଂ ସେମ୍ବକର୍ପ, ସିଙ୍ଗାପୁର, ପେଟ୍ରୋଲିୟମ୍, କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ ନିବେଶ କ୍ଷେତ୍ର (ପିସିପିଆଇଆର) କ୍ଷେତ୍ର ପାଇଁ ଇଡକୋ ଏବଂ ସୁରବନ କୁରୋଙ୍ଗ, ସିଙ୍ଗାପୁର ମଧ୍ୟରେ ଚୁକ୍ତିନାମା ହୋଇଛି । ସେହିପରି ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ୀକରଣ କ୍ଷେତ୍ର ପାଇଁ ବୈଦ୍ୟୁତିକ ଅଣୁବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର ଏବଂ ଡିଏଫ୍ ଟିଏନ୍. ସିଙ୍ଗାପୁର ମଧ୍ୟରେ , ଭବିଷ୍ୟତ ପାଇଁ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିର ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସେହିଭଳି, ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ କ୍ଷେତ୍ରରେ ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିର ଏଜୁକେଶନ ସର୍ଭିସେସ୍ଟ ସିଙ୍ଗାପୁର ମଧ୍ୟରେ ଚୁକ୍ତିନାମ ସ୍ୱାକ୍ଷରିତ ହୋଇଛି। ଅନ୍ୟ ଏକ ଚୁକ୍ତିନାମା ସେମିକଣ୍ଡକ୍ଟର କ୍ଷେତ୍ର ପାଇଁ ଦକ୍ଷତା ବିକାଶ ବିଭାଗ ସହ ଆଇଟି ସର୍ଭିସେସ ସିଙ୍ଗାପୁର ମଧ୍ୟରେ ହୋଇଥିଲା। ଦକ୍ଷତା ବିକାଶ ତଥା ନବସୃଜନକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶାର ଉଦ୍ୟମକୁ ଶ୍ରୀ ଥର୍ମନ୍ ପ୍ରଶଂସା କରିଥିଲେ ।

### ଅଲ-କାଦିର ଟ୍ରଷ୍ଟ ଜମି ଦୁର୍ନୀତି ମାମଲା

## ଇମ୍ରାନଙ୍କୁ ୧୪ ବର୍ଷ ଜେଲଦଣ୍ଡାଦେଶ



ଇସଲାମାବାଦ, ୧୭।୧: ଅଲ-କାଦିର ଟ୍ରଷ୍ଟ ସହ ଜଡ଼ିତ ଜମି ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ୧୪ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି। ଏହା ବ୍ୟତୀତ ବୁଶରା ବିବିଙ୍କୁ ୭ ବର୍ଷ ଜେଲଦଣ୍ଡ ଦିଆଯାଇଛି। ଏକ ରିପୋର୍ଟ ଅନୁଯାୟୀ, ରାୱଲପିଣ୍ଡିର ଦୁର୍ନୀତି ନିବାରଣ କୋର୍ଟରେ ଏହି ନିଷ୍ପତ୍ତି ଦିଆଯାଇଥିଲା, ଯେଉଁଠାରେ ଇମ୍ରାନ ଖାନ ଅଗଷ୍ଟ ୨୦୨୩ଠାରୁ ଜେଲରେ ଅଛନ୍ତି। ଖାନଙ୍କ ସହିତ ତାଙ୍କ ପତ୍ନୀ ବୁଶରା ବିବି ଏବଂ ଅନ୍ୟ ଛଅ ଜଣଙ୍କୁ ଏହି ମାମଲାରେ ଅଭିଯୁକ୍ତ କରାଯାଇଥିଲା, ଯାହାଙ୍କ ମଧ୍ୟରୁ ଅଧିକାଂଶ ଦେଶ ବାହାରେ ଅଛନ୍ତି। କୋର୍ଟ ଇମ୍ରାନ ଖାନ ଏବଂ ବୁଶରା ବିବିଙ୍କ ଉପରେ ୧୦ଲକ୍ଷ ଏବଂ ୫ ଲକ୍ଷ ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ବିଚାରପତି ନାସିର ଜାଭେଦ ରାଣା ଆଦିଲା ଜେଲରେ ସ୍ଥାପିତ ଏକ ଅସ୍ଥାୟୀ କୋର୍ଟରେ ଏହି ରାୟ ଶୁଣାଇଛନ୍ତି। ଏହି ନିଷ୍ପତ୍ତିକୁ ତିନିଥର ସ୍ଥଗିତ ରଖାଯାଇଥିଲା।

### ନବ ଦାସ ହତ୍ୟା ଘଟଣା

## ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ମାମଲା



କଟକ,୧୭।୧(ନିପ୍ର): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି । ଭାରତୀୟ ବିକାଶ ପରିଷଦ ତରଫରୁ ଏହି ମାମଲା ଦାୟର କରାଯାଇଛି । ଦାୟର ପିଟିସନରେ ଆବେଦନକାରୀ ଦର୍ଶାଇଛନ୍ତି ଯେ, ନବ ଦାସଙ୍କୁ ହତ୍ୟା କରାଯିବା ଏକ ଆକସ୍ମିକ ଘଟଣା ନୁହେଁ ବରଂ ଏହା ପଛରେ ଗଭୀର ଷଡ଼ଯନ୍ତ୍ର ରହିଛି । ଯେଉଁଥିରେ ରାଜନେତା ଏବଂ ବ୍ୟୁରୋକ୍ରାଟ ସାମିଲ ଅଛନ୍ତି । ହତ୍ୟାରେ ସଂପୃକ୍ତ ଅଭିଯୁକ୍ତ ହେଉଛନ୍ତି ଜଣେ ପୋଲିସ ଅଧିକାରୀ। ତେଣୁ କ୍ରାଇମବ୍ରାଞ୍ଚ ଜଣେ ଅଭିଯୁକ୍ତ ପୋଲିସ ଅଧିକାରୀ ବିରୋଧରେ ସ୍ୱଚ୍ଛତାର ସହ ତଦନ୍ତ କରିପାରିବ ନାହିଁ। ହତ୍ୟା ଘଟଣାର ୨ବର୍ଷ ପରେ ବି କୌଣସି ସନ୍ତୋଷଜନକ ତଥ୍ୟ ସାମନାକୁ ଆସିଲା ନାହିଁ। ତେଣୁ ସିବିଆଇ ତଦନ୍ତ ହେଲେ ସମସ୍ତ ରହସ୍ୟ ଉପରୁ ପର୍ଦ୍ଦା ଉଠିପାରିବ ବୋଲି ଆବେଦନକାରୀ କୋର୍ଟକୁ ଜଣାଇଛନ୍ତି । ଏହି ମାମଲାରେ ସିବିଆଇ, ମୁଖ୍ୟ ସଚିବ, ଗୃହ ସଚିବ ଓ ପୋଲିସ ଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଅପରପକ୍ଷରେ, ନବ ଦାସଙ୍କ ପୁଅ ଓ ଝିଅ ତାଙ୍କ ବାପାଙ୍କ ହତ୍ୟା ମାମଲାର ତଦନ୍ତ ସିବିଆଇ କରୁ ବୋଲି କହିବା ପରେ ରାଜନୀତି ଆରମ୍ଭ ହୋଇଥିଲା।

# ବଢ଼ିଲା କନିଷ୍ଠ ଶିକ୍ଷକଙ୍କ ଦରମା

- ୧୧ ହଜାରରୁ ୧୬ ହଜାର ଟଙ୍କାକୁ ବୃଦ୍ଧି
- ଉପକୃତ ହେବେ ୧୩,୭୪୦ ଜଣ



ଭୁବନେଶ୍ୱର,୧୭।୧: ରାଜ୍ୟରେ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ନିୟୋଜିତ ହୋଇଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକ (ଯେଉଁମାନେ ଯୋଜନା ଭିତ୍ତିକ ପଦବୀରେ କାର୍ଯ୍ୟରତ) ସେମାନଙ୍କର ବିଭିନ୍ନ ଦାବିକୁ ବିଚାରକୁ ନେଇ ସରକାର ମାସିକ ପାରିଶ୍ରମିକ ୧୧,୧୦୦ରୁ ୧୬ ହଜାର ଟଙ୍କା ବୃଦ୍ଧି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ଏହା ଦ୍ୱାରା ରାଜ୍ୟର କାର୍ଯ୍ୟରତ ୧୩,୭୪୦ ଜଣ କନିଷ୍ଠ ଶିକ୍ଷକ ଉପକୃତ ହେବେ । ଏଣେ ଏଥିପାଇଁ ରାଜ୍ୟ ସରକାର ଅତିରିକ୍ତ ୮୯.୧୫ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେବ ବୋଲି ଜଣାଯାଇଛି। ଏହି ମାସିକ ପାରିଶ୍ରମିକ ବୃଦ୍ଧିକୁ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହା ଦ୍ୱାରା ରାଜ୍ୟର କାର୍ଯ୍ୟରତ ୧୩,୭୪୦ ଜଣ କନିଷ୍ଠ ଶିକ୍ଷକ ଉପକୃତ ହେବେ । ଏହାସହିତ ଏହି ବର୍ଗର ଶିକ୍ଷକମାନଙ୍କ ଇପିଏଫ ପରିମାଣ ମଧ୍ୟ ୧୪୪୩ ଟଙ୍କାରୁ ୧୯୫୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ପ୍ରତ୍ୟେକ ସ୍କିମାଟିକ କନିଷ୍ଠ ଶିକ୍ଷକଙ୍କ ପାଇଁ ପୂର୍ବରୁ ୧୨୫୪୩ ଟଙ୍କା ପ୍ରଦାନ କରୁଥିବା ବେଳେ, ଏବେ ମାସକୁ ୧୭୯୫୦ ଟଙ୍କା ପ୍ରଦାନ କରିବେ। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୧୬ ହଜାରରୁ ଅଧିକ କନିଷ୍ଠ ଶିକ୍ଷକ ନିଯୁକ୍ତି କରାଯାଇଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ଏହି ବର୍ଗର କନିଷ୍ଠ ଶିକ୍ଷକମାନେ ଉପକୃତ ହେବେ ଏବଂ ଏହାଦ୍ୱାରା ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

## ଜାନୁଆରୀ ଶେଷ ସୁଦ୍ଧା 'ସୁଭଦ୍ରା'ଟଙ୍କା

ଭୁବନେଶ୍ୱର,୧୭।୧ : 'ସୁଭଦ୍ରା'କୁ ନେଇ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏକ ବଡ଼ ଘୋଷଣା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏଯାବତ୍ ସୁଭଦ୍ରାରେ ୧୭ ହଜାର ମହିଳା ପୁଣି ସାମିଲ ହୋଇଛନ୍ତି । 'ଅପଟ୍ ଆଉଟ୍ ହୋଇଥିବା ୧୭ ହଜାର ମହିଳା ପୁଣି ଯୋଡ଼ି ହୋଇଛନ୍ତି । ୩୧ ହଜାର ଅପଟ ଆଉଟ୍ ହୋଇଥିଲେ, ୧୭ ହଜାର ମିଶିଛନ୍ତି । ବାକି ଥିବା ୧୪ ହଜାର ମହିଳା ଅପଟ ଇନ୍ ନ କରିପାରନ୍ତି। ସେମାନେ ଆୟକର ବର୍ଗର ହୋଇଥାଇପାରନ୍ତି । ୨ ଲକ୍ଷରୁ ଅଧିକ ଇ-କେୱାଇସି ଅପଡେଟ୍ କରି ନାହାନ୍ତି। ଜାନୁଆରୀ ଶେଷରେ ଚତୁର୍ଥ ପର୍ଯ୍ୟାୟ ପୂର୍ବରୁ ଇ-କେୱାଇସି ଅପଡେଟ୍ କରିବାକୁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୁଭଦ୍ରା ହିତାଧିକାରୀଙ୍କୁ ଚଳିତ ମାସ ଶେଷ ସୁଦ୍ଧା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଦିଆଯିବ । ଇ – କେୱାଇସି କରିନଥିଲେ ତୁରନ୍ତ କରନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି ।

CMYK

ନବପ୍ରଭାତ
ଶନିବାର ୧୮.୦୧.୨୦୨୫

# ମତ୍ସ୍ୟଗନ୍ଧା

ଝିଅର ନାଁ ଦିଆଗଲା ସତ୍ୟବତୀ । ମାଛ ପେଟରୁ ଜନ୍ମ ନେଇଥିବାରୁ ଓ ଧୀବରମାନଙ୍କ ସହ ରହୁଥିବାରୁ ଝିଅଟିର ଦେହରୁ ସବୁବେଳେ ତୀବ୍ର ଆଇଁଶିଆ ମାଛ ଗନ୍ଧ ବାହାରୁଥାଏ । ସେଥିପାଇଁ ତାକୁ ଅନ୍ୟମାନେ ମତ୍ସ୍ୟଗନ୍ଧା ନାମରେ ବି ଡାକୁଥା'ନ୍ତି ।



ଉପରିଚର ନାମରେ ଜଣେ ରାଜା ଥରେ ମୃଗୟାରେ ଜଙ୍ଗଲରେ ବୁଲୁ ବୁଲୁ କ୍ଲାନ୍ତ ହେଇ ବିଶ୍ରାମ ପାଇଁ ଗଛ ଛାଇରେ ବସିଥାନ୍ତି । ରାଜା ପତ୍ନୀଙ୍କ ନାମ ହେଲା ଗିରିକା । ନିର୍ଜନ ଜଙ୍ଗଲରେ ରାଜାଙ୍କର ହଠାତ୍ ଆପଣା ପତ୍ନୀ ଗିରିକାଙ୍କ କଥା ମନେ ପଡିଲା । ପତ୍ନୀଙ୍କ କଥା ମନେ ପଡ଼ିବାରୁ ରାଜା ଅତ୍ୟନ୍ତ କାମାସକ୍ତ ହେଇପଡିଲେ । ଫଳରେ ତାଙ୍କର ରେତ ସ୍ଖଳନ ହୋଇଗଲା । ରାଜା ଉପରିଚର ସେଇ ରେତକୁ ସମିପତ୍ରରେ ରଖି ପାଖରେ ବସିଥିବା ଏକ ଶୁଆକୁ କହିଲେ, ଯା ମୋ ପତ୍ନୀଙ୍କୁ ଏତକ ଦେଇ ଆସିବୁ । ଶୁକ ପକ୍ଷୀ ପତ୍ରରେ ରାଜାଙ୍କ ରେତ ନେଇ ଆକାଶରେ ଉଡ଼ି ଉଡ଼ି ଯାଉଥିବା ସମୟରେ ବାଟରେ ତାକୁ ଏକ ବାଜପକ୍ଷୀ ଆକ୍ରମଣ କଲା । ଫଳରେ ଉପରିଚରଙ୍କ ରେତ ଶୁକ ପକ୍ଷୀର ଥଣ୍ଟରୁ ଖସି ସିଧା ପାଣିରେ ପଡିଗଲା । ସେତିକିବେଳେ ପାଣି ଭିତରେ ଅଭିଶାପ ପାଇ ମାଛ ଭାବରେ ରହୁଥିବା ଆଦ୍ରୀକା ନାମକ ଏକ ଅପସରୀ ସେ ରେତକୁ ଖାଇଲା ଓ ଗର୍ଭବତୀ ହେଲା । କିଛି ଦିନ ପରେ ଥରେ କିଛି ଧୀବର ଯମୁନା ନଦୀରେ ଜାଲ ପକେଇ ମାଛ ଧରିଲା ବେଳକୁ ସେ ମାଛ ରୂପୀ ଅପସରୀ ବି ଜାଲରେ ପଡିଗଲା । ଧୀବରମାନେ ଯେତେବେଳେ ସେ ମାଛକୁ ଉପରକୁ ଆଣି କାଟିଲେ ସେତେବେଳେ ମାଛ ପେଟରୁ ଯାଆଁଳା ପିଲା ଦୁଇଟି ବାହାରିଲେ । ଗୋଟେ ପୁଅ, ଗୋଟେ ଝିଅ । ମାଛ ପେଟରୁ ଏମିତି ମଣିଷ ପିଲା ବାହାରିବା ଦେଖି ଧୀବରମାନେ ସେ ଦୁହିଁ ପିଲାଙ୍କୁ ଧରି ରାଜା ଉପରିଚରଙ୍କ ପାଖରେ ପହଞ୍ଚିଲେ । ରାଜା କେବଳ ପୁଅଟିକୁ ନେଲେ ଓ ଝିଅଟିକୁ ଧୀବରମାନଙ୍କୁ ଫେରେଇ ଦେଲେ । ଧୀବରମାନଙ୍କର ମୁଖିଆ ସେ ଝିଅଟିକୁ ଘରକୁ ନେଲେ ଓ ନିଜ ଝିଅ ପରି ଶ୍ରଦ୍ଧାର ସହ ପାଳିଲେ । ଝିଅର ନାଁ ଦିଆଗଲା ସତ୍ୟବତୀ । ମାଛ ପେଟରୁ ଜନ୍ମ ନେଇଥିବାରୁ ଓ ଧୀବରମାନଙ୍କ ସହ ରହୁଥିବାରୁ ଝିଅଟିର ଦେହରୁ ସବୁବେଳେ ତୀବ୍ର ଆଇଁଶିଆ ମାଛ ଗନ୍ଧ ବାହାରୁଥାଏ । ସେଥିପାଇଁ ତାକୁ ଅନ୍ୟମାନେ ମତ୍ସ୍ୟଗନ୍ଧା ନାମରେ ବି ଡାକୁଥା'ନ୍ତି ।

**ଯେଉଁ ଶାନ୍ତାଙ୍କ ସହିତ ଋଷ୍ୟଶୃଙ୍ଗଙ୍କ ବିବାହ ହୋଇଥିଲା ପ୍ରକୃତରେ ସେ ଥିଲେ ଭଗବାନ ଶ୍ରୀରାମଙ୍କ ଭଉଣୀ**

## ଅଧିକ ସମୟ ରିଲ୍ସ କିମ୍ବା ସର୍ଟ୍ସ ଦେଖୁଥିଲେ

# ସାବଧାନ

ବର୍ତ୍ତମାନ ସୋସିଆଲ ମିଡିଆରେ ରିଲ୍ସ-ସର୍ଟ୍ସ ଭିଡିଓ ଦେଖିବା ନିଶା ଏକ ଟ୍ରେଣ୍ଡ ପାଲଟିଲାଣି । କେବଳ ଘରେ ନୁହେଁ ବରଂ ଅଫିସ୍, ବଜାରରେ ମଧ୍ୟ ଅନେକ ଲୋକ ବସି ବସି ରିଲ୍ ଦେଖୁଥିବାର ନଜର ଆସୁଛନ୍ତି । କିଛି ସମୟ ପାଇଲେ, କାହା ସହ କଥା ହେବା କିମ୍ବା ପଢ଼ିବା ଲାଗି ଚିନ୍ତା କରିବା ପରିବର୍ତ୍ତେ ପ୍ରଥମେ ମୋବାଇଲ ଖେଳାନ୍ତି । ଆଉ ମୋବାଇଲରେ ରିଲ୍ ଦେଖିବାରେ ବ୍ୟସ୍ତ ହୋଇଯାଆନ୍ତି । ରିଲ୍ସ ଦେଖୁ ଦେଖୁ କେତେବେଳେ ଯେ, ଘଣ୍ଟାଏ-ଦୁଇ ଘଣ୍ଟା ବିତିଯାଏ ତାହା ଜଣାପଡ଼େନି । କିନ୍ତୁ, କେବେ ଭାବିଛନ୍ତି କି ଆପଣ ଘଣ୍ଟା ଘଣ୍ଟା ଧରି ଦେଖୁଥିବା ଏହି ରିଲ୍ସ ଆଉ ସର୍ଟ୍ସ ଶରୀର ପାଇଁ କେତେ ବିପଦ ? ନିକଟରେ ଏକ ଅଧ୍ୟୟନରୁ ଚାଞ୍ଚଲ୍ୟକର ରିପୋର୍ଟ ସାମ୍ନାକୁ ଆସିଛି । ଯାହା ଶୁଣିଲେ ଆପଣ ତାଜୁବ୍ ହୋଇଯିବେ । ବାୟୋମେଡ୍ ସେଣ୍ଟ୍ରାଲ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ରିଲ୍ ଦେଖିବା କିମ୍ବା ସ୍କ୍ରିନ୍ ସମୟ ବଢ଼ାଇବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ । ଯଦି ଯୁବପିଢ଼ି ଶୋଇବା ସମୟରେ ସ୍କ୍ରିନରେ ଅଧିକ ସମୟ ବିତାଉଛନ୍ତି, ତେବେ ଅନ୍ୟମାନଙ୍କ ତୁଳନାରେ ସେମାନଙ୍କର ହାଇ ବିପି ହେବାର ଆଶଙ୍କା ବଢ଼ିଯାଏ । ଚୀନର ହେବେଇ ମେଡିକାଲ ୟୁନିଭର୍ସିଟି ଚୀନ୍‌ର ୪ ହଜାର ୩୧୮ ଜଣ ଯୁବା ଏବଂ ମଧ୍ୟବୟସ୍କଙ୍କ ଉପରେ ଏକ ଅଧ୍ୟୟନ କରିଥିଲା । ଏଥିରୁ ଜଣାପଡ଼ିଥିଲା ଯେ,



ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହେଉଛି । ପାରମ୍ପରିକ ଭାବେ ଟିଭି ଦେଖିବା ବା କମ୍ପ୍ୟୁଟର ବ୍ୟବହାର କରିବା ଅଥବା ଭିଡିଓ ଗେମ୍ ଖେଳିବା ଅପେକ୍ଷା ଶୋଇବା ସମୟରେ ମୋବାଇଲ୍‌ରେ 'ରିଲ୍' ଦେଖିବାର ନକାରାତ୍ମକ ପ୍ରଭାବ ଅଧିକ ବୋଲି ଜଣାପଡ଼ିଛି । କାରଣ ଶୋଇବା ପୂର୍ବରୁ ମୋବାଇଲ୍ ପରଦାରେ ଦୃଷ୍ଟି ନିକ୍ଷେପ କରିବା ଦ୍ୱାରା ଶରୀରରେ 'ସିମ୍ପାଥେଟିକ୍' ଉତ୍ତେଜନା ସୃଷ୍ଟି ହୋଇଥାଏ ।

## ରକ୍ତ ଶର୍କରାରେ ଖାଦ୍ୟର ପ୍ରଭାବ

# ବଢ଼େ ମଧୁମେହ

**ଆମେ ଖାଉଥିବା ଖାଦ୍ୟ ହଜମ ହୋଇ ସାଥୀରେ ଥିବା ଶ୍ୱେତସାରଗୁଡ଼ିକ ରକ୍ତ ଶର୍କରାରେ ପରିଣତ ହେବା ନିମନ୍ତେ ଆବଶ୍ୟକ ସମୟକୁ ଖାଦ୍ୟର ଜାଇସେମିକ୍ ଇଣ୍ଡେକ୍ସ କୁହାଯାଇଥାଏ । ଅତି କମ୍ ସମୟ ମଧ୍ୟରେ ହଜମ ହୋଇ ରକ୍ତ ଶର୍କରା ବୃଦ୍ଧି କରୁଥିବା ଖାଦ୍ୟଗୁଡ଼ିକୁ ଅଧିକ ଗ୍ଲାଇସେମିକ୍ ଖାଦ୍ୟ କୁହାଯାଏ ।**







ଆମର ପ୍ରତିଦିନର ଖାଦ୍ୟର ପ୍ରଭାବ ପଡ଼େ ଶରୀରର ରକ୍ତ ଶର୍କରା ଉପରେ । ଏଥିରେ ଅସନ୍ତୁଳନ ଦେଖାଦେଲେ ଜଣେ ମଧୁମେହ ଦ୍ୱାରା ଆକ୍ରାନ୍ତ ହୁଏ । ପୁଣି ମଧୁମେହରୁ ମୁକ୍ତି ପାଇଁ ଡାକ୍ତରଙ୍କ ପରାମର୍ଶ କରି ଔଷଧ ସେବନ କରିବାକୁ ପଡ଼େ । ଆମେ ଖାଉଥିବା ଖାଦ୍ୟରେ ଥିବା ଶ୍ୱେତସାରଗୁଡ଼ିକ ପେଟରେ ହଜମ ହୋଇ ଶର୍କରାରେ ପରିଣତ ହୋଇଥାନ୍ତି ଏବଂ ରକ୍ତରେ ମିଶିଥାନ୍ତି । ରକ୍ତରେ ଶର୍କରା ପରିମାଣ ବଢ଼ିଲେ ଶରୀରରେ ଥିବା ଅଗ୍ନ୍ୟାଶୟରୁ ଇନ୍‌ସୁଲିନ କ୍ଷରଣ ହୋଇଥାଏ । ଇନ୍‌ସୁଲିନ ରକ୍ତରେ ଥିବା ଶର୍କରାକୁ ନେଇ ମାଂସପେଶୀରେ ଜୀବକୋଷଗୁଡ଼ିକରେ ଗଚ୍ଛିତ କରିଥାଏ । ହଠାତ୍ ଅତ୍ୟଧିକ ଶର୍କରା ରକ୍ତରେ ମିଶିବା ଦ୍ୱାରା ଜୀବକୋଷଗୁଡ଼ିକ ପୂର୍ଣ୍ଣ ହୋଇଗଲେ ବାକି ଶର୍କରାକୁ ଶରୀରର ଯକୃତରେ ଜମା କରେ ଓ ଶରୀରରେ ଚର୍ବି ଭାବେ ପରିଣତ କରି ଜମା କରିଥାଏ । ଅତ୍ୟଧିକ ଶ୍ୱେତସାର ଓ ସ୍ନେହସାର ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ରକ୍ତ ଶର୍କରାର ପରିମାଣ କ୍ଷିପ୍ର ଗତିରେ ଅତ୍ୟଧିକ ବୃଦ୍ଧି ହେବାରୁ ଅଗ୍ନ୍ୟାଶୟ ଅଧିକା ପରିମାଣରେ ଇନ୍‌ସୁଲିନ୍ କ୍ଷରଣ କରିଥାଏ । କିନ୍ତୁ ଜୀବକୋଷଗୁଡ଼ିକରେ ଶର୍କରା ଭରି ରହିଥିବାରୁ ଇନ୍‌ସୁଲିନ୍‌ର ପ୍ରଭାବ ସତ୍ତ୍ୱେ ଜୀବକୋଷଗୁଡ଼ିକ ଆଉ ଶର୍କରା ଗ୍ରହଣ କରିନଥାନ୍ତି । ଏହି ପ୍ରକ୍ରିୟା ଦ୍ୱାରା ଶରୀରର ଜୀବକୋଷଗୁଡ଼ିକ ଇନ୍‌ସୁଲିନ୍ ପ୍ରଭାବକୁ ଗ୍ରହଣ କରିବାର ସମ୍ବେଦନଶୀଳତା ହରାଇଥାନ୍ତି । ଅତ୍ୟଧିକ ମୋଟା ହେବା, ଯକୃତରେ ଚର୍ବି ଓ ଜୀବକୋଷଗୁଡ଼ିକ ଇନ୍‌ସୁଲିନ୍‌କୁ ପ୍ରତ୍ୟାଖାନ କରିବା ଯୋଗୁଁ ଶରୀରରେ ରକ୍ତ ଶର୍କରାର ପରିମାଣ ବଢ଼ି ରହିଥାଏ । ଏହାକୁ ଡାକ୍ତରୀ ଭାଷାରେ ମଧୁମେହ ବା ଡାଏବେଟିସ୍ କୁହାଯାଏ । ଏହିଭଳି ପରିସ୍ଥିତି ବା ଚକ୍ରବ୍ୟୂହରୁ ମୁକୁଳିବା ନିମନ୍ତେ କେତେଗୁଡ଼ିଏ ଜୀବନଚର୍ଯ୍ୟା ଓ ଖାଦ୍ୟ ଅଭ୍ୟାସ ଉପରେ ଦୃଷ୍ଟି ଦେବା ନିହାତି ଆବଶ୍ୟାକ ।

## ନୈବେଦ୍ୟ ଅର୍ପଣ


*ପଣ୍ଡିତ ଶର୍ମାଙ୍କ କହିବାନୁସାରେ ବାୟୁ ତତ୍ତ୍ୱକୁ ଜାଗ୍ରତ କରିବା ପାଇଁ ଘଣ୍ଟି ବଜାଯାଇଥାଏ । ବାୟୁର ୫ ତତ୍ତ୍ୱ ଯଥା ବ୍ୟାନ, ଉଦାଣ, ସମାନ, ଅପାଣ ଏବଂ ପ୍ରାଣ ବାୟୁ । ଭଗବାନଙ୍କୁ ନୈବେଦ୍ୟ ଅର୍ପଣ କରିବା ସମୟରେ ୫ ଥର ଘଣ୍ଟି ବଜା ଯାଇଥାଏ । ବାୟୁର ପାଞ୍ଚ ତତ୍ତ୍ୱ ପାଇଁ ୫ ଥର ଘଣ୍ଟି ବଜା ଯାଇଥାଏ ଏବଂ ଭୋଗ ଲଗାଯାଇଥାଏ । ଭଗବାନଙ୍କୁ ପାନ ପତ୍ରରେ ନୈବେଦ୍ୟ ଅର୍ପଣ କରିବା ଉଚିତ । ତେବେ ସବୁବେଳେ ପାନ ପତ୍ରରେ ହିଁ ଭଗବାନଙ୍କୁ ଭୋଗ ଲଗାଇବା ଉଚିତ । ଭୋଗ ସମୟରେ*



*କାହିଁକି ଘଣ୍ଟି ବାଜେ । ହିନ୍ଦୁ ଧର୍ମ ଅନୁସାରେ ଘଣ୍ଟି ନ ବଜାଇ ପୂଜା କଲେ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ । ଭଗବାନଙ୍କୁ ପ୍ରସାଦ କିମ୍ବା ଭୋଗ ଲଗାଇବା ସମୟରେ ସବୁବେଳେ ଘଣ୍ଟି ବଜାଯାଇଥାଏ ।*

# ଗର୍ଭାଧାନ ସଂସ୍କାର

ଗର୍ଭାଧାନ ସଂସ୍କାର ପ୍ରଥମ ଓ ଏହା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସଂସ୍କାର । ଉତ୍ତମ ସନ୍ତାନ ଜନ୍ମ ଦେବାକୁ ଇଚ୍ଛା ରଖିଥିବା ପିତାମାତା ଗର୍ଭାଧାନ ପୂର୍ବରୁ ନିଜର ହୃଦୟ, ମନକୁ ପବିତ୍ର ରଖିବା ପାଇଁ ଏହି ସଂସ୍କାର ବିଧି କରିବା ଆବଶ୍ୟକ । ଗର୍ଭ ସଞ୍ଚାର ପୂର୍ବରୁ ସ୍ୱାମୀ/ ସ୍ତ୍ରୀ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବା ଆବଶ୍ୟକ । ଉତ୍ତମ ଅନ୍ନ, ଭାବନା, ଭଗବତମୟ ପରିବେଶ ରହିବା ଦ୍ୱାରା ଶରୀରର ଗୁଣ, ଧର୍ମ ଉପରେ ପ୍ରଭାବ ପଡ଼ିଥାଏ । ପ୍ରସନ୍ନତା ହେଉଛି ସବୁଠାରୁ ଉତ୍ତମ ଧନ । ଗର୍ଭରେ ସ୍ଥାନ ପାଇବାକୁ ଯାଉଥିବା ସନ୍ତାନଟିର ଭବିଷ୍ୟତ ମଙ୍ଗଳମୟ ହେବା ସହ ସ୍ୱଭାବରେ ମଧ୍ୟ ମଧୁରତା ରହିଥାଏ । ଏକ ଜ୍ଞାନୀ, ଗୁଣୀ, ଶ୍ରେଷ୍ଠ ସନ୍ତାନ ପାଇଁ ଦମ୍ପତିଙ୍କ ମିଳନ ହେବା ଆବଶ୍ୟକ ରହିଥାଏ । ସ୍ତ୍ରୀମାନଙ୍କ ପାଇଁ ଗର୍ଭ ଧାରଣର ସର୍ବୋତ୍ତମ ସମୟ ହେଉଛି ରଜ ଦିନର ସାତ ଦିନ ପରଠାରୁ ୨୦ ଦିନ ପର୍ଯ୍ୟନ୍ତ । ଏହି ସଂସ୍କାର ବିବାହରେ ଚତୁର୍ଥୀ ଦିନରୁ ଆରମ୍ଭ କରାଯାଇଥାଏ । ତିଥି, ନକ୍ଷତ୍ର ଅନୁସାରେ ଦମ୍ପତିର ମିଳନ ଉତ୍ତମ ସନ୍ତାନ ସୃଷ୍ଟି କରିଥାଏ । ଏଥିରେ କାମବାସନା ରଖିଲେ ଏହାର ବିଶେଷ ଫଳ ରହେ ନାହିଁ ।




## ଶ୍ରୀକୃଷ୍ଣ କଥିତ ଶ୍ଳୋକ ସଂଖ୍ୟା ୬୨୦

ଗୀତା ଏକ ପୁଣ୍ୟ ଗ୍ରନ୍ଥ, ଯାହା ଘରେ ଘରେ ପରିଚିତ । ଏହାକୁ ପୂଜା କରିବାର ବିଧି ମଧ୍ୟ ରହିଛି । ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧଭୂମିରେ ଏହି ଗୀତା ସଖା ଅର୍ଜୁନଙ୍କୁ ଶୁଣାଇଛନ୍ତି । ଆଜି ଦେଶରେ ଗୀତା ଜୟନ୍ତୀ ପାଳିତ ହେଉଛି । ଶ୍ରୀମଦ୍ ଭାଗବତ ଗୀତା ହେଉଛି ମହାଭାରତର ଅଂଶ । ଶ୍ରୀବ୍ୟାସଦେବ ହେଉଛନ୍ତି ଏହାର ସଂକଳନ କର୍ତ୍ତା । ଶ୍ରୀକୃଷ୍ଣ ନିଜ ଉପଦେଶର ଅଧିକାଂଶ ଶ୍ଳୋକରେ ହିଁ କହିଥିଲେ ବ୍ୟାସଦେବ ତାହା ଅବିକଳ ଲିପିବଦ୍ଧ କରିଛନ୍ତି । ଯେଉଁ ଅଂଶ ସେ ଗଦ୍ୟରେ କହିଥିଲେ, ତାହା ବ୍ୟାସଦେବ ନିଜେ ଶ୍ଳୋକବଦ୍ଧ କହିଦେଇଛନ୍ତି, ତା'ସଙ୍ଗେ ସଙ୍ଗେ ସେ ଅର୍ଜୁନ, ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ବଚନକୁ ମଧ୍ୟ ନିଜ ଭାଷାରେ ଶ୍ଳୋକବଦ୍ଧ କରିଛନ୍ତି । ଗୀତାରେ ପ୍ରକୃତ ଶ୍ରୀକୃଷ୍ଣ କଥିତ ଶ୍ଳୋକ ସଂଖ୍ୟା ୬୨୦, ଅର୍ଜୁନ କଥିତ ଶ୍ଳୋକ ସଂଖ୍ୟା ୫୭, ସଞ୍ଜୟ କଥିତ ଶ୍ଳୋକ ସଂଖ୍ୟା ୬୭ ଏବଂ ଧୃତରାଷ୍ଟ୍ରଙ୍କ ଦ୍ୱାରା ଗୋଟିଏ ଶ୍ଳୋକ କଥିତ । ଏହି ୭୪୫ ଶ୍ଳୋକରେ ସଂପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ ଅଠର ଅଧ୍ୟାୟରେ ବିଭକ୍ତ କରି ମହାଭାରତର ଅଂଶ ଭାବେ ଯୋଗ କରିଛନ୍ତି । ଗୀତାର ୧୮ଟି ଅଧ୍ୟାୟ ହେଉଛି ୧୮ଟି ଯୋଗ । ପ୍ରଥମ ୬ ଅଧ୍ୟାୟରେ ନିଷ୍କାମ କର୍ମଯୋଗ, ଦ୍ୱିତୀୟ ୬ ଅଧ୍ୟାୟରେ ଭକ୍ତିଯୋଗ ଏବଂ ଶେଷ ୬ ଅଧ୍ୟାୟରେ ଜ୍ଞାନଯୋଗ ବର୍ଣ୍ଣନା କରାଯାଇଛି ।

## ଜଳପୂର୍ଣ୍ଣ କୁମ୍ଭ ଦେଖିକି ଯାତ୍ରାକଲେ କାର୍ଯ୍ୟସିଦ୍ଧି ହୋଇଥାଏ

ଘରର ମୁଖ୍ୟ ଦ୍ୱାରର ବାମପଟେ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ । ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ ରଖିପାରିବେ । କିନ୍ତୁ ସମ୍ମୁଖରେ ରଖିଲେ କାହାର ଗୋଡ଼ ବାଜିଯିବାର ଆଶଙ୍କା ଥାଏ । ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ, ସେଠି ରଖିପାରିବେ । କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡୁଥିବ । କଳସରେ ନିୟମିତ ପାଣି ପୂର୍ଣ୍ଣ କରି ତାଉପରେ ଫୁଲ କିଛି ରଖିଦିଅନ୍ତୁ । ଯଦି ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଚଉରା ରହିଛି, ତା'ହେଲେ ଉକ୍ତ ଚଉରାର ମଣ୍ଡପ ଉପରେ କଳସକୁ ମଧ ରଖିପାରିବେ । ପ୍ରତିଦିନ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ । ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ସୂର୍ଯ୍ୟୋଦୟ ପୂର୍ବରୁ କଳସ ବସାଇବା ଭଲ । କଳସ ନିକଟରେ ନିୟମିତ ଧୂପ, ଦୀପ ଦେଇ ପୂଜା କରିବା ଉଚିତ । କଳସର ପାଣି ବାସି ହେବା ଠିକ୍ ନୁହେଁ ଅର୍ଥାତ୍ ସକାଳେ ଯେଉଁ ଶୁଭ କଳସ ବସାଇଥିବେ ସୂର୍ଯ୍ୟାସ୍ତ ପୂର୍ବରୁ ସେହି କଳସର ପାଣିକୁ କୌଣସି ଗଛ ମୂଳରେ ଢାଳିଦେବେ । ପୁନର୍ବାର ପରଦିନ ଶୁଦ୍ଧ ଜଳରେ ପୁଣି ଶୁଭ କଳସ ବସାଇବେ ।



*ସୂର୍ଯ୍ୟୋଦୟ ପୂର୍ବରୁ କଳସ ବସାଇବା ଭଲ । କଳସ ନିକଟରେ ନିୟମିତ ଧୂପ, ଦୀପ ଦେଇ ପୂଜା କରିବା ଉଚିତ । କଳସର ପାଣି ବାସି ହେବା ଠିକ୍ ନୁହେଁ ଅର୍ଥାତ୍ ସକାଳେ ଯେଉଁ ଶୁଭ କଳସ ବସାଇଥିବେ ସୂର୍ଯ୍ୟାସ୍ତ ପୂର୍ବରୁ ସେହି କଳସର ପାଣିକୁ କୌଣସି ଗଛ ମୂଳରେ ଢାଳିଦେବେ । ପୁନର୍ବାର ପରଦିନ ଶୁଦ୍ଧ ଜଳରେ ପୁଣି ଶୁଭ କଳସ ବସାଇବେ ।*

## ଜୀବନଶୈଳୀ ଓ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ

ବର୍ତ୍ତମାନ ସମୟର ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ହୃଦ୍‌ଘାତର ମୁଖ୍ୟ କାରଣ ପାଲଟିଛି । ଭୁଲ୍ ଖାଦ୍ୟପେୟ କାରଣରୁ ଲୋକଙ୍କୁ ହୃଦୟଜନିତ ରୋଗର ସାମ୍ନା କରିବାକୁ ପଡୁଛି । ଅଧିକାଂଶ ଲୋକେ ବାହାରର ଛଣାଛଣି ଖାଦ୍ୟ ଖାଇବାକୁ ପସନ୍ଦ କରି ଥାଆନ୍ତି । ମାତ୍ର ଏସବୁ ଖାଦ୍ୟର ଅଧିକ ସେବନ କରିବା ଦ୍ୱାରା ହୃଦୟ ଉପରେ ପ୍ରଭାବ ପକାଇଥାଏ । ତେବେ ଏପରି କିଛି ଖାଦ୍ୟ ରହିଛି, ଯାହାର ସେବନ କରିବା ଦ୍ୱାରା ହୃଦୟ ବା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ । ଭୁଲ୍ ଖାଦ୍ୟପେୟ ହୃଦୟଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ରକ୍ଷା ପାଇବା ପାଇଁ ନିଜ ଖାଦ୍ୟରେ କିଛି ସ୍ୱତନ୍ତ୍ର ଜିନିଷ ସାମିଲ କରନ୍ତୁ । ନିଜ ଖାଦ୍ୟରେ ପ୍ରତ୍ୟେକ ଦିନ ସବୁଜ ପନିପରିବା ସାମିଲ କରନ୍ତୁ । ଯେପରି ପାଳଙ୍ଗ, ବନ୍ଧାକୋବି, ମେଥି, ଧନିଆ ଆଦି ଖାଦ୍ୟର ସେବନ କରନ୍ତୁ । ଏହାଦ୍ୱାରା ହୃଦୟ ସୁସ୍ଥ ରଖିବା ସହ ଶରୀର ନିରୋଗ ରହେ । ହୃଦୟ ସୁସ୍ଥ ରଖିବା ପାଇଁ ନିୟମିତ ଡ୍ରାଏ ଫ୍ରୁଟ୍ସର ସେବନ କରନ୍ତୁ । ଅଖରୋଟ୍ ହୃଦୟ ପାଇଁ ବେଶ ଉପକାରୀ । ଏଥିରେ ଫାଇବର ପର୍ଯ୍ୟାପ୍ତ ମାତ୍ରାରେ ରହିଛି । ଯାହା ହୃଦୟକୁ ସୁସ୍ଥ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ । ଟମାଟୋରେ ଆଣ୍ଟି-ଅକ୍ସିଡାଣ୍ଟରହିଛି । ଯାହା ହୃଦୟ ପାଇଁ ଉପକାରୀ । ଏହା ହୃଦୟ ରୋଗକୁ ଶରୀରଠାରୁ ଦୂରେଇ ରଖିଥାଏ । ଉଚ୍ଚ ରକ୍ତଚାପ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ । ହୃଦୟକୁ ସୁସ୍ଥ ରଖିବା ପାଇଁ ନିୟମିତ ତଟକା ଫଳ ଖାଆନ୍ତୁ । ଏଥିରେ ଥିବା ମିନେରାଲ୍ସ, ଭିଟାମିନ୍ ଭଳି ପୋଷକ ତତ୍ତ୍ୱ କୋଲେଷ୍ଟେରୋଲ୍ , ରକ୍ତଚାପ ସହ ହୃଦୟ ଜନିତ ସମସ୍ୟାକୁ ଦୂର କରିଥାଏ । ସକାଳର ଜଳଖିଆରେ କରନ୍ତୁ ଓଟ୍ସର ସେବନ । ନିୟମିତ ସକାଳ ଜଳଖିଆରେ ଓଟ୍ସ (ଯଅ)ଖାଇବା ଦ୍ୱାରା ଅନେକ ଉପକାର ମିଳିଥାଏ । କୋଲେଷ୍ଟେରୋଲ୍ ସ୍ତର କମ୍ କରିଥାଏ । ନିଶାଦ୍ରବ୍ୟଠାରୁ ଦୂରେଇ ରୁହନ୍ତୁ ।

# ୪ କ୍ରୀଡ଼ାବିତଙ୍କୁ ଖେଳରତ୍ନରେ ସମ୍ମାନିତ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୧୭।୧:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଷ୍ଟ୍ରୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ୟାରିସ୍ ଅଲିମ୍ପିକ୍‌ରେ ଦୁଇ ଦୁଇଟି ପଦକ ଜିତିଥିବା ମହିଳା ସୁଟର ମନୁ ଭାକର ଓ ବିଶ୍ୱ ଚେସ୍ ଚମ୍ପିଆନ୍ ଡି. ଗୁକେଶଙ୍କ ସମେତ ୪ ଜଣ ଖେଳାଳିଙ୍କୁ ଖେଳ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି । ଶୁକ୍ରବାର ଅନୁଷ୍ଠିତ ନ୍ୟାଶନାଲ ସ୍ପୋର୍ଟସ ସେରେମୋନିରେ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ମଧ୍ୟ ଉପସ୍ଥିତ ଥିଲେ । ଜାନୁଆରୀ ଆରମ୍ଭରୁ ୨୦୨୪ କ୍ରୀଡ଼ା ପୁରସ୍କାର ପାଇଁ ମନୋନୀତଙ୍କ ନାମ ଖେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିଲା । ଖେଳ ରତ୍ନ ବ୍ୟତୀତ ୩୪ ଖେଳାଳିଙ୍କୁ




୨୦୨୪ରେ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅର୍ଜୁନ ଆୱାର୍ଡ ପ୍ରଦାନ କରାଯାଇଛି । ଆଥଲେଟ ସୁଚା ସିଂ ଏବଂ ମୁରଲିକାନ୍ତ ରାଜାରାମ ପେଟକରଙ୍କୁ ଅର୍ଜୁନ ଆୱାର୍ଡ ଲାଇଫଟାଇମ୍ ପୁରସ୍କାର ପ୍ରଦାନ କରାଯାଇଛି । ପୁରୁଷ ହକି ଦଳ କ୍ୟାପ୍ଟେନ୍ ହରମନପ୍ରିତ ସିଂ ଏବଂ ପାରାଅଲମ୍ପିକ ହାଇଜମ୍ପ ଗୋଲ୍ଡ ମେଡାଲିଷ୍ଟ ପ୍ରବୀଣ କୁମାରଙ୍କୁ ରାଷ୍ଟ୍ରପତି ଭବନରେ ସମ୍ମାନିତ କରାଯାଇଛି । ଉଭୟ ଟୋକିଓ ଏବଂ ପ୍ୟାରିସ ଅଲମ୍ପିକରେ ଭାଗ ନେଇଥିବା ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛି । ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ମୋଟ ୩୨ ଜଣ ଆଥଲେଟଙ୍କୁ ଉଭୟ ଖେଳରତ୍ନ ସମ୍ମାନିତ କରାଯାଇଛି ।

## ଆଜି ଘୋଷଣା ହେବ ଚାମ୍ପିଅନ୍ସ ଟ୍ରଫି

**ନୂଆଦିଲ୍ଲୀ, ୧୭।୧:** ଜାନୁଆରୀ ୧୮ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଲାଗି ଭାରତୀୟ ଟିମ୍ ଘୋଷଣା ହେବାକୁ ଯାଉଛି । ଏନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି । ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ସାମ୍ବାଦିକ ସମ୍ମିଳନୀ କରି ଟିମ୍ ଘୋଷଣା କରିବେ । ଆଜି ଟିମ୍ ଘୋଷଣା ହେବାକୁ ଥିବା ବେଳେ ଏହି ସମୟରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ମଧ୍ୟ ସାମିଲ ରହିବେ । ଶନିବାର ଦିନ ୧୨.୩୦ରେ ଭାରତୀୟ ଟିମ୍ ଘୋଷଣା ହେବ ବୋଲି ଜଣାପଡ଼ିଛି । ଏହି ସମୟରେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଲାଗି ମଧ୍ୟ ଭାରତୀୟ ଟିମ୍ ନେଇ ଘୋଷଣା ହେବ । ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷ ଏହି ଦିନିକିଆ ସିରିଜ୍ ଭାରତ ଲାଗି ଏକ ଅଭ୍ୟାସ ମ୍ୟାଚ୍ ରୂପେ ଦେଖାଯାଉଛି । ତେଣୁ ଉଭୟ ଦିନିକିଆ ସିରିଜ୍ ଏବଂ ଚାମ୍ପିୟନ୍ସ ଟ୍ରଫି ଲାଗି ଘୋଷଣା ହେବାକୁ ଥିବା ଭାରତୀୟ ଟିମ୍‌ରେ ସାମଞ୍ଜସ୍ୟ ରହିବ ବୋଲି କୁହାଯାଉଛି । ଚାମ୍ପିୟନ୍ସ ଟ୍ରଫିରେ ଭାରତ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ସହ ଗ୍ରୁପ୍-ଏରେ ରହିଛି । ଚାମ୍ପିୟନ୍ସ ଟ୍ରଫିରେ ପ୍ରଥମେ ଫେବୃଆରୀ ୨୦ରେ ବାଂଲାଦେଶ ସହ ମ୍ୟାଚ୍ ଖେଳିବ ମ୍ୟାନ୍ ଇନ୍ ବ୍ଲୁ । ଏହା ପରେ ଫେବୃଆରୀ ୨୩ରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ଭେଟିବ ଭାରତ । ଭାରତୀୟ ଟିମ୍ ନିଜର ସବୁ ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳିବାକୁ ଥିବା ବେଳେ ବାକି ମ୍ୟାଚ୍ ପାକିସ୍ତାନରେ ଖେଳାଯିବ ।

## ଆମେରିକାର ସିନ୍‌ସିନାଟି ବିଶ୍ୱବିଦ୍ୟାଳୟ ସଭାପତିଙ୍କୁ କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର, ୧୭ ।୧ : ଆମେରିକାର ସିନ୍‌ସିନାଟି ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ନେଭେଲି ଜି ପିଣ୍ଟୋଙ୍କୁ ଆଜି କିସ୍ ପକ୍ଷରୁ ସମ୍ମାନଜନକ କିସ୍ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନୀତ କରାଯାଇଛି । ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହି ସମ୍ମାନ ଗ୍ରହଣକରି ପିଣ୍ଟୋ ଶିକ୍ଷା ଓ




ଜନଜାତିଙ୍କ ସଶକ୍ତିକରଣ କ୍ଷେତ୍ରରେ ଅଚ୍ୟୁତ ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ । ସେ କହିଲେ, ଶ୍ରୀ ସାମନ୍ତଙ୍କ ଦର୍ଶନ ଅନ୍ୟମାନଙ୍କ ପାଇଁ ପ୍ରକୃତରେ ପ୍ରେରଣାଦାୟୀ । କିସ୍‌ର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପିଣ୍ଟୋ କହିଲେ ଶ୍ରୀ ସାମନ୍ତ ଆଜି ଯେଉଁ ସଫଳତା ହାସଲ କରିଛନ୍ତି ସେହି ସଫଳତା ହାସଲ କରିବା ପାଇଁ ତୁମ ପ୍ରତ୍ୟେକଙ୍କ ନିକଟରେ ଶକ୍ତି ରହିଛି । ଅନ୍ୟମାନଙ୍କ ପାଇଁ ଭଲ କରିବା ନିମନ୍ତେ ଜ୍ଞାନ ତୁମମାନଙ୍କୁ ଏହି ଶକ୍ତି ଯୋଗାଇଥାଏ । ଶ୍ରୀ ସାମନ୍ତଙ୍କ ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ସମସ୍ତଙ୍କ ପାଇଁ ଆଲୋକ ବର୍ତ୍ତିକା ହେବା ଉଚିତ୍ ବୋଲି ସେ କହିଥିଲେ । ସିନ୍‌ସିନାଟି ବିଶ୍ୱବିଦ୍ୟାଳୟ ୨୦୦ବର୍ଷର ଏକ ପୁରୁଣା ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୭ବର୍ଷରେ କିଟ୍ ଓ କିସ୍‌ର ଏଭଳି ଅଭିବୃଦ୍ଧି ଦେଖି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ।

## ଆରମ୍ଭ ହେଲା ୧୫ ବର୍ଷରୁ କମ୍ ବାଳକ ଫୁଟବଲ୍ ଚାମ୍ପିଅନସିପ୍

ପୁରୀ ୧୭/୧(ନିପ୍ର): ପୁରୀ ଜିଲ୍ଲା କ୍ରୀଡା ସଂସଦ ଓ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ପୁରୀଙ୍କ ମିଳିତ ସହଯୋଗ ରେ ଆଜି ପୂର୍ବାହ୍ନ ରେ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ୧୫ ବର୍ଷ ରୁ କମ ବାଳକ ଆନ୍ତଃ କ୍ଲବ ଫୁଟବଲ ଚାମ୍ପିୟାନସିପ ଆରମ୍ଭ ହୋଇଛି ।ସିଏମ ଟ୍ରଫି ଜିଲ୍ଲା ସ୍ତରୀୟ ଫୁଟ୍‌ବଲ ଚମ୍ପିୟାନସିପ ୨୦୨୫ ଆନୁକୂଲ୍ୟରେ ଆରମ୍ଭ ହୋଇଥିବାଏହି ଚମ୍ପିୟାନସିପ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।ଫାଇନାଲ ମ୍ୟାଚ ୨୨ ତାରିଖରେ ଅନୁଷ୍ଠିତ ହେବା ସହ ଶ୍ରେଷ୍ଠ ଦଳ ଓ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରାଯିବ ।ଆଜିର ଚମ୍ପିୟାନସିପକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଦଘାଟନ କରିବା ସହ ସରକାର କ୍ରୀଡା କୁ ପ୍ରାଧାନ୍ୟ ଦେବା ସହ ପ୍ରତିଭା ଅନେକ ଲକ୍ଷ୍ୟ ଏକ ନାମରେ ଯେଉଁ ବ୍ୟବସ୍ଥା ଆରମ୍ଭ କରିଛନ୍ତି ତାହାର ସୁଫଳ ସମସ୍ତ କ୍ରୀଡାବିତ ମାନେ ନେବାପାଇଁ ଅନୁରୋଧ କରିଥିଲେ ।ଆଜିର ସମୟରେ ପ୍ରତ୍ୟେକ କ୍ଷେତ୍ରରେ ନିଜର ପ୍ରତିଷ୍ଠା ଓ ଦକ୍ଷତା ବିକାଶ ର ସୁଯୋଗ ସହ ରୋଜଗାରର ସମ୍ଭାବନା ରହିଛି ।ତେଣୁ ନିଷ୍ଠାର ସହ ଏହାକୁ ଅଭ୍ୟାସ ଓ କ୍ୟାରିଅର କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

## ବେଦାନ୍ତ କାଲିଙ୍ଗା ଲାନ୍ସର୍ସର ବଡ଼ ବିଜୟ

ରାଉରକେଲା, ୧୭/୧(ନିପ୍ର): ଗୁରୁବାର ଏଠାରେ ଥିବା ବିର୍ସା ମୁଣ୍ଡା ଷ୍ଟାଡିୟମରେ ହିରୋ ହକି ଇଣ୍ଡିଆ ଲିଗର ସପ୍ତମ ମ୍ୟାଚ୍‌ରେ ଦିଲ୍ଲୀ ଏସଜି ପାଇପର୍ସର ବେଦାନ୍ତ କାଲିଙ୍ଗା ଲାନ୍ସର୍ସଙ୍କ ୫-୧ ରାଉଟର ନେତୃତ୍ୱ ନେବା ପାଇଁ ଥିଏରି ବ୍ରିଙ୍କମ୍ୟାନ୍ ଏକ ବ୍ରାସ୍ ସ୍କୋର କରିଥିଲେ । ଏହି ବିଜୟ, ସିଜିନର ତୃତୀୟ, କଲିଙ୍ଗା ଲାନ୍ସର୍ସ ୧୦ ପଏଣ୍ଟ ସହ ଷ୍ଟାଣ୍ଡିଂରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ଏକ ତୃତୀୟ କ୍ୱାର୍ଟରରେ, କାଲିଙ୍ଗା ଲାନ୍ସର୍ସ ଚାରିଟି ଗୋଲ୍ କରି ପ୍ରତିଯୋଗିତାକୁ ପାଇପର୍ସଙ୍କ ପାଖରେ ପହଞ୍ଚାଇ ନଥିଲେ । ନିକୋଲାସ ବାନ୍ଦୁରାକଙ୍କ ଏକ ପ୍ରଭାବଶାଳୀ ଫିଲ୍ଡ ଗୋଲ ଦେଇ କାଲିଙ୍ଗା ଲାନ୍ସର୍ସ ଦଶମ ମିନିଟରେ ଆଗକୁ ଯାଇଥିଲେ । ତୃତୀୟ କ୍ୱାର୍ଟରର ପ୍ରାରମ୍ଭରେ ବ୍ରିଙ୍କମ୍ୟାନ୍ ଏକ ପେନାଲ୍ଟି କର୍ଣ୍ଣର ଅର୍ଜନ କରିଥିଲେ ଯାହା ଆର୍ଥର୍ ୱାନ୍ ଡୋରେନ୍ ରୂପାନ୍ତର କରିଥିଲେ । ଶ୍ରାଚି ରାହ ବଙ୍ଗଳା ଟାଇଗର୍ସ ଉପରେ -୦-୨ ଗୋଲରେ ହ୍ୟାଟ୍ରିକ୍ ରେକର୍ଡ କରିଥିବା ବ୍ରିଙ୍କମ୍ୟାନ୍ ଗୋଟିଏ ପରେ ଗୋଟିଏ ପରିସ୍ଥିତି ସୃଷ୍ଟି କରିବା ପରେ ଶୀଘ୍ର କ୍ରମାଗତ ଦୁଇଥର ସ୍କୋର କରିଥିଲେ ।

# ଖୁବଶୀଘ୍ର ରାଜ୍ୟବାସୀ ପାଇବେ ଆୟୁଷ୍ମାନ ଭାରତ

**ଭୁବନେଶ୍ୱର, ୧୭ /୧(ନିପ୍ର):** ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଚୁକ୍ତିନାମା ଜାନୁଆରୀ ୧୩ ତାରିଖରେ ସ୍ୱାକ୍ଷରିତ ହେବା ପରେ ଓଡ଼ିଶାବାସୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ସୁଫଳ କିପରି ଯଥାଶୀଘ୍ର ପାଇପାରିବେ ସେ ନେଇ ବିଭାଗ ବିଭିନ୍ନ ପ୍ରସ୍ତୁତି ଓ ପ୍ରଶିକ୍ଷଣ ଆରମ୍ଭ କରିଛି । ଏହି ସମନ୍ୱିତ ଯୋଜନା ଦ୍ୱାରା ରାଜ୍ୟବାସୀ ଦେଶର ପ୍ରାୟ ୩୦ ହଜାର ଚିକିତ୍ସାଳୟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ । ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିବ ଯୁଗାନ୍ତକାରୀ ପରିବର୍ତ୍ତନ । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ସମନ୍ୱିତ କରି ଜନସାଧାରଣଙ୍କୁ ଅତିଶୀଘ୍ର ସ୍ୱାସ୍ଥ୍ୟସେବାର ସୁଫଳ ଦେବା ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଆଜିଠାରୁ ଯୋଜନା ସହ ସଂପୃକ୍ତ



ବିଭିନ୍ନ ଅଂଶୀଦାର ଏବଂ ପ୍ରଧାନମନ୍ତ୍ରୀ ଆରୋଗ୍ୟମିତ୍ରଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୬୦ଟି ଚିକିତ୍ସାଳୟର ୧୮୦ ଜଣଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସମ୍ପର୍କିତ ଆଇଟି ପ୍ଲାଟଫର୍ମର ବିବିଧ ବ୍ୟବହାର, ଟ୍ରାନଜେକସନ ମ୍ୟାନେଜମେଂଟ ସିଷ୍ଟମ୍, ଅଭିଯୋଗ ସମାଧାନ ପ୍ରକ୍ରିୟା ଓ ଅନ୍ୟାନ୍ୟ ସମ୍ବନ୍ଧରେ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷିତ କରିଥିଲେ । ପର୍ଯ୍ୟାୟକ୍ରମେ ଓଡ଼ିଶାର ସମସ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟର ଅଂଶୀଦାର ଏବଂ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଶୃତି ସମିତି (ସାସ)ର ସିଇଓ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ (ଓଡ଼ିଶା)ର ମିଶନ ନିର୍ଦ୍ଦେଶିକା ଡା. ବୃନ୍ଦା ଡି., ଡା. ବିଷ୍ଣୁପ୍ରସାଦ ମହାପାତ୍ର, ଡା. ରଶ୍ମିରଞ୍ଜନ ମହାପାତ୍ର, ଡା. ଅରୁଣ ମହାପାତ୍ର, ଶରତ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ ।

## ୨୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୭ /୧(ନିପ୍ର):** ଆଗାମୀ ଜାନୁଆରୀ ୨୦ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫,ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେଏହି ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ଏବଂ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ରାଜ୍ୟସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## କୁଆଡ଼େ ଗଲା ନବ ଦାସଙ୍କ ରକ୍ତଭିଜା ସାର୍ଟ

ଭୁବନେଶ୍ୱର,୧୭।୧: ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡରେ ସାମ୍ନାକୁ ଆସିଲା ଚାଞ୍ଚଲ୍ୟକର ଖବର। ଘଟଣାକୁ ନେଇ ଅଭିଯୁକ୍ତ ପୋଲିସ ଏଏସଆଇ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ କହିଛନ୍ତି, କୋର୍ଟରେ ପୋଲିସ ଦାଖଲ କରିଥିବା ସିଜର ଲିଷ୍ଟରେ ନବ ଦାସଙ୍କ ରକ୍ତଭିଜା ସାର୍ଟ ନାହିଁ। ରକ୍ତ ଭିଜା ସାର୍ଟ ମିସିଂ ଥିବା ଚାର୍ଜସିଟରେ ଉଲ୍ଲେଖ ରହିଛି। ଏ ସଂପର୍କରେ ତଦନ୍ତ ଅଧିକାରୀଙ୍କୁ କୋର୍ଟରେ ସାକ୍ଷୀ ଦେଲା ବେଳେ ପଚରା ଯିବ। ରକ୍ତଭିଜା ସାର୍ଟ ସହ ନବଙ୍କ ଦେହରେ ପଶି ବାହାରି ଯାଇଥିବା ଗୁଳିଟି ମଧ୍ୟ ମିଳିନଥିବା କହିଛନ୍ତି ଗୋପାଳଙ୍କ ଓକିଲ। ସେ କହିଛନ୍ତି, ଗୁଳିମାଡ଼ରେ ନବ ଦାସ ମୃତ୍ୟୁବରଣ କରିଥିବା ପୋଲିସ କହିଥିଲା।

## ପୂର୍ବତଟ ରେଳପଥ ପକ୍ଷରୁ ନୟାଗଡ଼ରୁ ନେପାଳକୁ ସଫ୍ଟ ବିଲେଟ୍ ରପ୍ତାନି

**ନୟାଗଡ଼/କେନ୍ଦୁଝର, ୧୭/୧(ନିପ୍ର):** ପୂର୍ବତଟ ରେଳପଥ ପକ୍ଷରୁ ପ୍ରଥମ ଥର ପାଇଁ କେନ୍ଦୁଝର ଜିଲ୍ଲାର ନୟାଗଡ଼ରୁ ନେପାଳକୁ ସଫ୍ଟ ବିଲେଟ୍ ରପ୍ତାନି କରି ଏକ ନୂତନ ବାଣିଜ୍ୟିକ ମାର୍ଗ ସୃଷ୍ଟି କରିଛି ଯାହାଦ୍ୱାରା ବିଏସଆରଏମ ଷ୍ଟିଲ୍ ପୁନଃ ରୋଲିଂ ମିଲ୍ସ ପାଇଁ ଏହି ନୂତନ ରପ୍ତାନି ପଦକ୍ଷେପକୁ ସଫଳତାର ସହ ସକ୍ଷମ କରିଛି । ପ୍ରଥମ ରେକ୍ କେନ୍ଦୁଝର ଜିଲ୍ଲାର ନୟାଗଡ଼ରୁ ସଫ୍ଟ ବିଲେଟ୍ ବୋଝେଇ ଯାହା ଏହି ଗୁରୁତ୍ୱପୂର୍ଣ୍ଣ ପରିବହନ ସଂଯୋଗର ଆରମ୍ଭକୁ ସଙ୍କେତ ଦେଇ ପ୍ରତି ମାସରେ ତିନିଟି ରେକ୍ ରପ୍ତାନି କରିବାର ଲକ୍ଷ ରଖିଛି । ଏହି



ବିକାଶମୂଳକ ପଦକ୍ଷେପ ପୂର୍ବତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟର ଏକ ଅଂଶ, ଯାହା ନେପାଳ ଭଳି ପଡ଼ୋଶୀ ଦେଶଗୁଡ଼ିକୁ ଆଂଚଳିକ ବାଣିଜ୍ୟକୁ ବୃଦ୍ଧି କରିବା ଏବଂ ପଣ୍ୟ ପରିବହନ ପାଇଁ ସଂଯୋଗୀକରଣ କରିପାରିଛି ବିଶେଷକରି ଇସ୍ପାତ ଉତ୍ପାଦ ପାଇଁ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଢାଞ୍ଚା ତିଆରି କରାଯାଇଛି । ଏହି ନୂତନ ଉଦ୍ୟମରେ ରେଳପଥର ରଣନୈତିକ ଭୂମିକା / ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା ଏବଂ ଏହି ଅଂଚଳରୁ ବର୍ଦ୍ଧିତ ରପ୍ତାନି ଚାହିଦା ପୂରଣ କରିବାରେ ରେଳପଥ ଦ୍ୱାରା ପରିବହନର ଗୁରୁତ୍ୱକୁ ଦୃଷ୍ଟି ଦେଉଅଛି ।

## ସରକାରଙ୍କ ତୀକ୍ଷ୍ଣ ଦୃଷ୍ଟିରେ ବାହାର ରାଜ୍ୟର ଧାନ ଗାଡ଼ି

ଭୁବନେଶ୍ୱର, ୧୭/୧(ନିପ୍ର): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ସରକାର ଯଥୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି । ପଞ୍ଜିକୃତ ଚାଷୀ ସେମାନଙ୍କ ଧାନକୁ ସରକାରୀ ସ୍ତରରେ ବିକ୍ରୟ କରିପାରିବେ ଏଥିନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ବାହାର ରାଜ୍ୟରୁ ଯେଭଳି ଧାନ ଆସି ରାଜ୍ୟରେ ବିକ୍ରୟ ନହୁଏ ଏହା ଉପରେ ମଧ୍ୟ କଡା ନଜର ରଖାଇଯାଇଛି । ବିଶେଷକରି ରାଜ୍ୟର ସୀମାନ୍ତ ଅଂଚଳରେ ଏହି ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହି ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ୨୧୭ଟି ଏନଫୋର୍ସମେଂଟ ଟିମକୁ ମୁତୟନ ହୋଇଛନ୍ତି । ଆବଶ୍ୟକତା ଅନୁଯାୟୀ ଏହି ଟିମ ଗୁଡିକ ମୁତୟନ ହେବା ସହ ବାହାର ରାଜ୍ୟର ଧାନ ଗାଡି ସମ୍ପର୍କିତ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ସେମାନେ ବିଶେଷ କରି ସୀମାବର୍ତ୍ତୀ ରାଜ୍ୟରୁ ଧାନନେଇ ଆମ ରାଜ୍ୟ ମଧ୍ୟକୁ ଆସୁଥିବା ଗାଡି ଉପରେ ନଜର ରଖୁଛନ୍ତ । କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେହି ଗାଡିକୁ ଜବତ କରିବାକୁ ସେମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ ଏ ସଂକ୍ରାନ୍ତରେ କଡା ନିର୍ଦ୍ଦେଶ ଦେବା ସହ ଆବଶ୍ୟକତା ଅନୁଯାୟୀ ଇନଫୋର୍ସମେଂଟ ମୁତୟନ କରିଛନ୍ତି । ଏ କ୍ଷେତ୍ରରେ ଜିଲ୍ଲା ଯୋଗାଣ ଅଧିକାରୀ ମାନେ ମଧ୍ୟ ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି ।

## ସରକାର କିଣିଲେଣି ୩୦ହଜାର ଟନ୍ ଧାନ

ଭୁବନେଶ୍ୱର, ୧୭।୧(ନିପ୍ର): ରାଜ୍ୟ ସରକାର ପ୍ରାୟ ୩୦ ହଜାର ଟନ ଧାନ କିଣି ସାରିଲେଣି । ଏ ବାବଦକୁ ୮ ହଜାର କୋଟି ଧାନ ମୂଲ୍ୟ ଚାଷୀଙ୍କୁ ଦିଆ ସାରିଲାଣି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଚାଷୀ ମାନେ ଖୁସି ଅଛନ୍ତି । ବିରୋଧୀ କେବଳ ରାଜନୀତି କରୁଛନ୍ତି । ଚାଷୀଙ୍କ ସମସ୍ୟାକୁ ସରକାର ନଜରରେ ରଖିଛନ୍ତି । ଅଦିନିଆ ବର୍ଷା ପାଇଁ ମାନ କମିଥିବାରୁ କିଛି ଜାଗାରେ କଟନି ଛଟନି ହେଉଛି । ଚାଷୀ ବି ଦେଖୁଛନ୍ତି ଅଳ୍ପ କାଟିଲେ ବି ୩୧୦୦ ଟଙ୍କା ପାଇବେ । ବାହାରେ ବିକିଲେ ୨୧୦୦ ରୁ ୨୨୦୦ ଟଙ୍କା ମିଳିବ । ସେଥିପାଇଁ କିଛି କାଟିଲେ ବି ଚାଷୀ ମଣ୍ଡିରେ ବିକ୍ରି କରୁଛନ୍ତି । ଯେଉଁଠି ଅଧିକାରୀ ଅବହେଳା କରିଛନ୍ତି କାର୍ଯ୍ୟନୁଷ୍ଠାନ ହେଉଛି । ଯଦି ମିଲରଙ୍କ ବିରୋଧରେ ଅଭିଯୋଗ ଆସେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ପୋଲିସ ବିଭାଗ ପକ୍ଷରୁ ଚଢ଼ାଉ ମଦ ସହିତ ପୋଚ ନଷ୍ଟ

**ଆଠଗଡ଼,୧୭/୧(ନିପ୍ର):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବାଉଁଶ ଟାଙ୍ଗରା ଠାରେ କଟକ ଜିଲ୍ଲା ଗ୍ରାମାଞ୍ଚଳ ଅଧିକ୍ଷକ ପ୍ରତୀକ ସିଂ ଙ୍କ ନିର୍ଦ୍ଦେଶକ୍ରମେ ଚଢାଉ କରାଯାଇ ୫ ହଜାର ଲିଟରରୁ ଉର୍ଦ୍ଧ୍ୱ ପୋଚ ଏବଂ ୧୦ ଲିଟର ମଦ ନଷ୍ଟ କରାଯିବା ସହିତ ମଦ ରନ୍ଧାରେ ବ୍ୟବହୃତ ଆସବାବପତ୍ର ଜବତ କରାଯାଇଛି । ଉକ୍ତ ସ୍ଥାନରେ ଦୀର୍ଘ ଦିନ ଧରି ଚୋରା ଦେଶୀ ମଦ କାରବାର ହେଉଥିବାବେଳେ ଆଠଗଡ଼ ଅବକାରୀ ବିଭାଗ ତା'ର ସନ୍ଧାନ ନପାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସେହିପରି ଆଜିର ଚଢ଼ାଉରେ ଚୌଦ୍ୱାର ଥାନା ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ ପ୍ରଧାନ ଙ୍କ ସହିତ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଏହିପରି ଭାବରେ ମଦ ମାଫିଆଙ୍କ ଆଡ୍ଡାସ୍ଥଳୀ ଉପରେ ଚଢାଉ କରାଯିବା ସହିତ ସମ୍ପୂର୍ଣ୍ଣ ମଦ ବନ୍ଦ କରାଯିବ ବୋଲି ଖୁଣ୍ଟୁଣୀ ଥାନା ପକ୍ଷରୁ ସୂଚନା ମିଳିଛି ।

## କୋଟାରେ ଓଡ଼ିଆ ଛାତ୍ରଙ୍କ ମୃତ୍ୟୁ

ଖୁଣ୍ଟା,୧୭।୧: ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଟିଟିଆ ଗ୍ରାମର କୁଶ ଗିରିଙ୍କ ଏକମାତ୍ର ସନ୍ତାନ ଅଭିଜିତ(୧୮)ଙ୍କର ରାଜସ୍ଥାନର କୋଟାରେ ମୃତ୍ୟୁ ଘଟିଛି । ସେ ୨୦୨୩ରୁ କୋଟାରେ ଜେଇଇ କୋଚିଂ ନେଉଥିଲେ । କୋଟାର ବିଜ୍ଞାନ ନଗର ଥାନା ଆମ୍ବେଦକର କଲୋନୀରେ ଅଭିଜିତ ରହୁଥିଲେ । ଗୁରୁବାର କୋଠରୀ ମଧ୍ୟରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଥିଲା । ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ପରିବାର ଲୋକଙ୍କୁ ସୂଚନା ଦେଇଥିଲା । ଅଭିଜିତଙ୍କର ମୃତ୍ୟୁ କିପରି ହୋଇଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି ।

# ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ବିମାନବନ୍ଦରରେ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭/୧(ନିପ୍ର):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଭୁବନେଶ୍ୱରରେ ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମଙ୍କୁ ଭେଟି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ହେଉଥିବା ସକାରାତ୍ମକ ପରିବର୍ତ୍ତନ ଏବଂ ପରିବର୍ତ୍ତିତ ଶିକ୍ଷା ଦୃଶ୍ୟପଟ୍ଟରେ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା ଉପରେ ଆଲୋଚନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରିଥିଲେ । ଏହା ପରେ ଏକ ଦ୍ୱିପାକ୍ଷିକ ସାକ୍ଷାତ୍ ଆଲୋଚନାରେ ଶ୍ରୀ ପ୍ରଧାନ ଭାରତର ଶିକ୍ଷା ବ୍ୟବସ୍ଥା, ସିଙ୍ଗାପୁର ସହିତ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଉଭୟ ପକ୍ଷର ସହଯୋଗକୁ ସୁଦୃଢ଼ କରିବା ଏବଂ ଜ୍ଞାନ ସେତୁକୁ ସୁଦୃଢ଼ କରିବା ଉପରେ ଫଳପ୍ରଦ ବିଚାରବିମର୍ଶ କରିଥିଲେ । ଏମଓୟୁ ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସିଙ୍ଗାପୁର ଏବଂ ଓଡ଼ିଶା ମଧ୍ୟରେ ଆଜି ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଏବଂ ସିଙ୍ଗାପୁର ମଧ୍ୟରେ ଏମଓୟୁ ଦ୍ୱାରା ଅନ୍ତର୍ଜାତୀୟ ସହଭାଗିତାର ନୂଆ ଅଧ୍ୟାୟ ଆରମ୍ଭ

### ଅନ୍ତର୍ଜାତୀୟ ସହଭାଗିତାର ନୂଆ ଅଧ୍ୟାୟ ଆରମ୍ଭ: ଧର୍ମେନ୍ଦ୍ର ପ୍ରଧାନ




ହୋଇଛି । ଏହି ଏମଓୟୁଗୁଡିକ ଓଡ଼ିଶାର ଦକ୍ଷତା ପରିସଂସ୍ଥାନ, ଏକବିଂଶ ଶତାବ୍ଦୀର ଦକ୍ଷତା ମାଧ୍ୟମରେ ଓଡ଼ିଶାର ମାନବ ପୁଞ୍ଜିକୁ ଅଧିକ ସଶକ୍ତ କରିବ । ଶିକ୍ଷ କ୍ଷେତ୍ରକୁ ସୁଦୃଢ଼ କରିବା ସହ ଗବେଷଣା, ନବସୃଜନ କ୍ଷେତ୍ରକୁ ମଜଭୂତ୍ କରିବ । ଓଡ଼ିଶାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ଏହା ଏକ ସ୍ୱାଗତଯୋଗ୍ୟ ବୁଝାମଣା । ଏହା ଦ୍ୱାରା ଓଡ଼ିଶାର ଦକ୍ଷତା ଇକୋସିଷ୍ଟମ ସୁଦୃଢ଼ ହେବ । ରାଜ୍ୟର ଶିକ୍ଷ ଏବଂ ସାମାଜିକ-ଅର୍ଥନୈତିକ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଭାରତ-ସିଙ୍ଗାପୁର ବ୍ୟାପକ ରଣନୈତିକ ଭାଗିଦାରୀକୁ ଉଚ୍ଚ ସ୍ତରକୁ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ଶ୍ରୀ ପ୍ରଧାନ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ରାଷ୍ଟ୍ରପତି ଥର୍ମନଙ୍କ ଦୁଇ ଦିନିଆ ଗସ୍ତ ଓଡ଼ିଶା ସହ ସିଙ୍ଗାପୁରର ସମ୍ପର୍କରେ ନୂତନ ଦିଗ ଯୋଡ଼ିବା ସହ ଭାରତ-ସିଙ୍ଗାପୁର ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ଆହୁରି ଗଭୀର କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କ ସହ ଭୁବନେଶ୍ୱର ସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଂଟର ମଧ୍ୟ ପରିଦର୍ଶନ କରିଥିଲେ ।

**OFFICE OF THE MUNICIPAL COUNCIL, BARIPADA** C-1489

**REQUEST FOR PROPOSAL**

Executive Officer, Baripada Municipality, Baripada invites sealed proposal from interested consulting firms for **"Preparation of Detailed Project Report and Providing Consulting Services for implementation of different Infrastructural Developmental Projects Under Baripada Municipality".** The RFP documents can be downloaded from the website- www.baripadamunicipality.in from **dt.18-01-2025** on payment of **Rs.5,000.00 (Rupees Five thousand)only (Non-refundable)** through **Demand Draft (D.D.) issued in favour of "Executive Officer, Baripada Municipality" payable at Baripada** along with **Security Deposit (S.D.) of Rs.20, 000.00 (Rupees Twenty Thousand) only in shape of Bank draft (refundable) drawn in favour of "Executive Officer, Baripada Municipality", payable at Baripada.**

The details may be accessed and the RFP/ Application forms can be downloaded from the website - www.baripadamunicipality.in

The complete application as per the instructions in the RFP document, should reach to the Office of Executive officer, Baripada Municipality by hand/ Speed Post/ Registered Post on or before **30.01.2025** up to **5.00 P.M.** The RFP applications will be opened on Dt. **31.01.2025** at **12.00 P.M** in the presence of the bidder or their authorized representative. The authority reserves sole right to accept or reject any or all proposals without assigning any reason whatsoever.

OIPR-13078/11/0020/2425 Sd/- Executive Officer, Baripada Municipality

O-1181

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, KUCHINDA**
E-mail-eerw_kuchinda@yahoo.com

**e" Procurement Notice**
**Cancellation of Bid Identification No Online Tender / 9 / RWD/ Kuchinda / 2024-25**

The tender for the work, invited vide this office online Tender Bid Identification no. 9 / RWD/ Kuchinda / 2024-25 is here by cancelled due to unavoidable circumstances.

Addl. Chief Engineer (I/C)
Rural Works Division
Kuchinda

OIPR-25151/11/0018/2425

ତିଥି : (ପଞ୍ଚମୀ) : (ପୂର୍ବାଫାଃ ସିଂହ)
ଅମୃତବେଳା: ଦିଘ ୯।୨୩ ଗତେ ଦିଘ ୧୨।୨୧ ମଧ୍ୟେ

## ଆଜିର ଅନୁଚିନ୍ତନ

ସୂର୍ଯ୍ୟ ଯଥା ପ୍ରକାଶିତ ସମଗ୍ର ଜଗତ
ଆତ୍ମା ମଧ୍ୟ ସର୍ବଦେହ ମଧ୍ୟେ ବିରାଜିତ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଗତି କୁଆଡ଼େ ?

ଆସନ୍ତା ଶିକ୍ଷା ବର୍ଷ ୨୦୨୫-୨୬ରୁ ଆମ ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ହେବାକୁ ପଡୁଛି। ବର୍ତ୍ତମାନ ଭଳି ଦଶମ ଯୁକ୍ତ ଦୁଇ ଶ୍ରେଣୀ ଢାଞ୍ଚା ରହିବ ନାହିଁ। ନୂଆ ଶିକ୍ଷାନୀତି ମୁତାବକ ପିଲା ବିଦ୍ୟାଳୟକୁ ଯିବେ ତିନି ବର୍ଷରୁ। ଖେଳକୁଦ, ନାଚଗୀତ, କାହାଣୀ ହେବ ଏହି ପିଲାଙ୍କ ଶିକ୍ଷାର ମାଧ୍ୟମ। ୩ ରୁ ୬ବର୍ଷ ପିଲାଙ୍କ ପାଇଁ ଅଙ୍ଗନବାଡ଼ି, ପ୍ରି-ସ୍କୁଲ, ୬ ରୁ ୮ବର୍ଷର ପିଲାଙ୍କ ପାଇଁ ପ୍ରଥମ, ଦ୍ୱିତୀୟ। ପରେ ୩ୟରୁ ୫ମ ବିଦ୍ୟାଳୟ ପ୍ରସ୍ତୁତି ପାଠପଢା। ୬ଷ୍ଠ ରୁ ୮ମ ତିନି ବର୍ଷ ମଧ୍ୟ ଇଂରାଜୀ। ୯ମରୁ ଦ୍ୱାଦଶ ମାଧ୍ୟମିକ ଶ୍ରେଣୀ। ୧୮ବର୍ଷ ବେଳକୁ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀ ପାସ୍ କରିବେ। ଆଲୋଚ୍ୟର ବିଷୟ ଯେ ଏହି ଶିକ୍ଷାନୀତିରେ ଆଞ୍ଚଳିକ ଭାଷାରେ ପାଠ ପଢାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସେଥିଲାଗି ଉପଯୁକ୍ତ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ପାଇବେ।

ଆଞ୍ଚଳିକ ଭାଷା ଆମ ରାଜ୍ୟରେ ମାତୃଭାଷା ଓଡ଼ିଆ। ଏହି ଭାଷାରେ ପିଲାଙ୍କ ଅବବୋଧ ବା ବୁଝିବା ଠିକଣା ଭାବରେ ହୋଇପାରିବ ବୋଲି ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦିଆଯାଇଛି। ଏକଦା ଗୁରୁ ଦ୍ରୋଣାଚାର୍ଯ୍ୟ ଶିକ୍ଷାଦାନ ବେଳେ ଚୁପ୍‌ଚାପ୍ ରହୁଥିବା ଯୁଧିଷ୍ଠିରଙ୍କୁ ପଚାରିଥିଲେ- ତୁମେ ଆଗକୁ ନ ବଢି ପ୍ରଥମ ପାଠ ପାଖରେ କାହିଁକି ଅଟକ ରହିଛ ? ଏ ପ୍ରଶ୍ନରେ ଯୁଧିଷ୍ଠିରଙ୍କ ଉତ୍ତର ଥିଲା- ଗୁରୁଦେବ, ଯେ ପର୍ଯ୍ୟନ୍ତ ମୁଁ ପ୍ରଥମ ପାଠ ଭଲ କରି ବୁଝିପାରିନାହିଁ, ଅନ୍ୟ ପାଠକୁ ଯିବି କେମିତି ? ଏହି ଉତ୍ତରରେ ଦ୍ରୋଣଙ୍କ ଚେତନା ଜାଗ୍ରତ ହୋଇଥିଲା। ଏବର ଶିକ୍ଷକମାନେ ଏ ଦିଗ ପ୍ରତି ଯତ୍ନଶୀଳ ହେବେ ତ ? ଜାତୀୟ ଶିକ୍ଷାନୀତିରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଗୁଣାତ୍ମକତା ଆମ ମାତୃଭାଷାରେ କେତେ ସଶକ୍ତ ତାହା ବିଚାରିବାକୁ ହେବ।

ଆଜିକାଲି ଲକ୍ଷ୍ୟ କରାଯାଉଛି ଯେ ବହୁ ଓଡ଼ିଆ ଭାଷୀ ପିଲା ଇଂରାଜୀ, ହିନ୍ଦୀ ଭାଷାରେ କଥା ହେଉଛନ୍ତି। ଏପରିକି ଅଦ୍‌ଭୁତ୍ ମିଶ୍ରିତ ଭାଷାରେ କଥାବାର୍ତ୍ତା ହେଉଛନ୍ତି। ବିଭିନ୍ନ କ୍ଷେତ୍ରରେ ଏହି ଅଦ୍‌ଭୁତ ମିଶ୍ରିତ ଭାଷା କାୟା ବିସ୍ତାର କରିସାରିଛି। ସୁତରାଂ ଓଡ଼ିଆ ଭାଷାକୁ କିପରି ଗୌଣ କରାଯାଉଛି ତାହା ଆମ ନିତିଦିନିଆ ସାଧାରଣ ଜୀବନଯାତ୍ରାରେ ଦେଖିଆସୁଛେ। 'ଇଂରାଜୀ ବିନା ଗତି ନାହିଁ' ଏପରି ଧାରଣା ଏ କ୍ଷେତ୍ରରେ ବାଧକ ସାଜୁଛି। ଇଂରାଜୀ ଭାଷାରେ ଦକ୍ଷ ହେବା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ, ମାତ୍ର ତାହାର ଅର୍ଥ ନୁହେଁ ଓଡ଼ିଆ ଭାଷା ପ୍ରୟୋଗ ତଥା ପାଠପଢାରେ ଉପେକ୍ଷା କରିବା। ଆଜିକାଲି ପିଲାଙ୍କ ଠାରେ ଉଚ୍ଚାରିତ ଉତ୍ତର ବା କଥାବାର୍ତ୍ତା ସ୍ତରରେ ତଥାକଥିତ ଓଡ଼ିଆ ଅସ୍ମିତା କେତେ ପ୍ରତିଶତ ତାହା ନ କହିବା ଭଲ ବୋଲି କୁହାଯାଇପାରେ।

ଭାଷା ଜାତିର ଜୀବାତ୍ମା ସାଙ୍ଗକୁ ସଂସ୍କୃତିର ବାହକ। ଭାଷା ସଂପର୍କରେ ସଚେତନତା ବୃଦ୍ଧି ସାଙ୍ଗକୁ ବିଶେଷ କରି ଆମ ମାତୃଭାଷାର ମୌଳିକତା ରକ୍ଷା, ଭିତ୍ତିଭୂମି ସୁଦୃଢ କରିବା ସର୍ବୋପରି ଭାଷା ପ୍ରତି ସ୍ୱାଭିମାନ ଜାଗ୍ରତ କରିବା ଅପରିହାର୍ଯ୍ୟ। ଭାଷା ଯେବେ ଅର୍ଥକରୀ ତଥା ହିତକାରୀ ହୁଏ, ତାହା ଗୁରୁତ୍ୱ ବହନ କରେ। ସୁତରାଂ ସବୁ ଶ୍ରେଣୀର ବିଦ୍ୟାଳୟରେ ଓଡ଼ିଆ ଭାଷା, ବ୍ୟବହାର ବାଧ୍ୟତାମୂଳକ ହେଉ। ଏ ବାବଦରେ ପିତାମାତା ପ୍ରଥମେ ସଚେତନ ହେଲେ ଆଗାମୀ ପିଢ଼ି ଉପକୃତ ହେବ। ଉଲ୍ଲେଖ କରାଯାଇପାରେ ଯେ ୧୯୫୪ ମସିହାରେ ସମଗ୍ର ଓଡ଼ିଶାରେ ଓଡ଼ିଆ ଭାଷା ଆଇନ ଲାଗୁ ହେଲା। ୨୦୧୮ରେ ଆଇନ ଅନୁଯାୟୀ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ଗୁରୁତ୍ୱ ଦିଆଗଲା। ପ୍ରଶ୍ନ ଉଠୁଛି ରାଜ୍ୟ ସରକାରଙ୍କ ଏବର ସମସ୍ତ ସରକାରୀ ନଥିପତ୍ର, ଚିଠି, ବିଜ୍ଞପ୍ତି, ନିର୍ଦ୍ଦେଶନାମା ଓଡ଼ିଆ ଭାଷାରେ ପ୍ରକାଶ ପାଉଛି ତ ! ଏଣୁ ମୂଳ ସଜାଡ଼ିବା ସର୍ବପ୍ରାଥମିକତା।

# ତାଳି, ନ ହେଲେ ଗାଳି

**ଜଗନ୍ନାଥ ବେହେରା**

ପ୍ରଥମେ ମଣିଷ ଆତ୍ମ ସମୀକ୍ଷା କରି ଜାଣିବାକୁ ହେବ ଯେ ନିଜେ କରୁଥିବା କାର୍ଯ୍ୟ ଠିକ୍ ନା ଭୁଲ। ସମାଜରେ ଗ୍ରହଣୀୟ କି ନୁହେଁ । କାହିଁକି ନା କରିବା କାର୍ଯ୍ୟ ଅନୁସାରେ ହିଁ ଫଳ ପ୍ରାପ୍ତ ହୋଇଥାଏ। ବିଷ ମଞ୍ଜି ପୋତି ଗଛ ମୂଳରେ ଯେତେ ଅମୃତ ଢ଼ାଳିଲେ ବି ଫୁଲ ଧରି ଫଳ ଅମଳ ବେଳେ ବିଷ ଫଳ ହିଁ ଅମଳ ହୋଇଥାଏ। ଏ ମଣିଷ ଠିକ୍ ସେମିତି। ଯାହାର ଦୁଃଖ ସମୟରେ ନିଜ ପ୍ରାଣକୁ ଜଳାଞ୍ଜଳି ଦେଇ ଉପକାର କରିଥାଏ ସେହି ଲୋକର ଦୁଃଖ ଘୁଞ୍ଚି ଗଲେ ସିଏ ତା ଉପକାରକୁ ବହୁ ସମୟରେ ଭୁଲିଯାଏ । ନିଜ କଥାବାର୍ତ୍ତା, ନିଜ ବ୍ୟବହାର ବଦଳି ଯାଏ। କାରଣ ତାକୁ ଭୟଥାଏ ଯେ ଆଜି ନହେଲେ କାଲି ମଧ ଶୁଝିବାକୁ ପଡ଼ିବ। କୁହାଯାଏ 'ଯେତେ ପ୍ରଶଂସା କରୁଛ କର କିନ୍ତୁ କେବେ ଟିକିଏ ବି ଅପମାନ କରନାହି କାରଣ ଦିନେ ନା ଦିନେ ଅପମାନର ଶୁଦ୍ଧ କଳନ୍ତର ସହ ଫେରିଆସେ'। ସାଧାରଣ ଭାବରେ ଦେଖିବାକୁ ଗଲେ ଭଲ ମଣିଷକୁ ତାଳି ମିଳେ ଏବଂ ଖରାପ ଲୋକକୁ ଗାଳି ମିଳେ।

କିନ୍ତୁ ଏଠି ପ୍ରଶ୍ନ ଆସୁଛି ଆଜିକାଲି ଭଲ ମଣିଷ ମିଳିବ କେଉଁଠି । ସୁନ୍ଦର ଚେହେରା ଥିବା ଶହେ ମଣିଷ ଏଠି ମିଳିଯାଇ ପାରେ। କିନ୍ତୁ ସୁନ୍ଦର ହୃଦୟ ଥିବା ମଣିଷ ମିଳିବା କ୍ୱଚିତ୍। ସମସ୍ତେ ନିଜକୁ ଭଲ ପୋଷାକରେ ଆବରଣ କରି ବୁଟସୁଟ, ଟାଇ ପିନ୍ଧି କୁହୁକ ପରି କଥା କହି ସଭା ସମିତିରେ ଭଲ ନିର୍ମଳ ଭାବମୂର୍ତ୍ତି ଥିବା ମଣିଷ ପରି ଦେଖାଇ ହୁଅନ୍ତି। ରଙ୍ଗ ବଦଳୁଥିବା ବହୁରୂପୀ ଏଣ୍ଡୁଅ ପରି ଚରିତ୍ରକୁ ବଦଳାଇ ଦିଅନ୍ତି। ଏ ଘରେ ମାଉସୀ ସେ ଘରେ ପିଉସୀ ହୋଇ ଯାଆନ୍ତି। ଆପଣଙ୍କ ସାମ୍ନାରେ ଗୋଟିଏ ପଛରେ ଗୋଟିଏ କଥା କୁହନ୍ତି। ପିଠିକି ଆଉଁସି ଆଉଁସି ପୁଳାଏ ମାଉଁସ ଟାଣି ନେଇଯିବା ଚରିତ୍ରର ଲୋକ ଆଜି ସମାଜରେ ବହୁ ବଡ ଲୋକ,ସମାଜ ସେବକ,ରାଜନୀତିଜ୍ଞ,ଶିକ୍ଷାବିତ୍,ସମାଜ ସଂସ୍କାରକ , ବିଜ୍ଞ ଗୁଣି ଜ୍ଞାନୀ ରୂପେ ଜଣାଶୁଣା। ଏମାନଙ୍କୁ ତାଳି ଉପରେ ତାଳି ମିଳେ। ଜୀବନ ସାରା କେବଳ ମିଛଖଚର ଆଶ୍ରୟ ନେଇ ନିଜକୁ ସମାଜରେ ପ୍ରତିଷ୍ଠିତ କରନ୍ତି। ଦିନେ ଯୁଧିଷ୍ଠିର କହିଥିଲେ , ଅଶ୍ୱ ରଥ ବା ଗୁଞ୍ଜର ହତ।ସମସ୍ତଙ୍କୁ ଶୁଭାଯାଇଥିଲ ଅଶ୍ୱ କାରଣ ଶ୍ରୀକୃଷ୍ଣ ନିଜ ଶକ୍ତି ପ୍ରୟୋଗ କରି ସତ୍ୟକୁ ଘୋଡାଇଦେଲେ। ଆଜି ମଧ ସେମିତି ଗାଁ ଗାଉଁଲି , ଅଶିକ୍ଷିତ ,ମଳି ମୁଣ୍ଡିଆ, ଦିନ ମଜୁରିଆଙ୍କ ଚିତ୍କାର କାହା କାନରେ ବାଜୁ ନାହିଁ। ନେତାମାନଙ୍କ ମାଗଣା ଘୋଷଣା ସମସ୍ତଙ୍କ କାନକୁ ଚାପି ଦେଇଛି।

ଆଜିର ସମାଜରେ ମଣିଷକୁ ପ୍ରତିକ୍ଷେତ୍ରରେ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡୁଛି। ଗୀତ,ନାଚ,ନୀତି,ରାଜନୀତି, ବ୍ୟବସାୟ, ଚାକିରି ଜୀବନ ସବୁସ୍ଥାନରେ ଭୀଷଣ ପ୍ରତିଯୋଗିତା। ଅନ୍ୟର ସାହାଯ୍ୟ ଅପେକ୍ଷା ନିଜ ଗୋଡ ଉପରେ ଭରସା ରଖି ଆଗକୁ ଯାଉଥିବା ଲୋକ ହିଁ ପ୍ରତିଷ୍ଠିତ ହେବ । ଦୁନିଆରେ କୌଣସି ପୁଞ୍ଜିପତି ଜନ୍ମରୁ ପୁଞ୍ଜିପତି ନ ଥିଲେ। କୌଣସି ରାଷ୍ଟ୍ରପତି ଜନ୍ମରୁ ରାଷ୍ଟ୍ରପତି ନ ଥିଲେ କି କୌଣସି ଫିଲ୍ମ ଷ୍ଟାର,କ୍ରିକେଟର ଜନ୍ମରୁ ପ୍ରତିଷ୍ଠିତ ହୋଇ ନଥିଲେ। ଏବଂ ଆହୁରି କୁହାଯାଇପାରେ କୌଣସି ଡାକ୍ତରଙ୍କ ପୁଅ ଡାକ୍ତର ହେବାକୁ ଜଣେ ଶିକ୍ଷକଙ୍କ ପୁଅ ଶିକ୍ଷକ ହେବ ଏହାର କିଛି ଗ୍ୟାରେଣ୍ଟି ନାହିଁ। ନିଜ ନିଜ ସାଧନା ବଳରେ ମଣିଷ ପ୍ରଗତିର ପାହାଚ ଚଢିଛି ଏବଂ ଶୀର୍ଷରେ ପହଞ୍ଚିଛି। ତାଳି ପାଇଲେ ଅଧିକ ଖୁସି ହେବା ଏବଂ ଗାଳି ମିଳିଲେ ଅଧିକ ଦୁଃଖରେ ଭାଙ୍ଗିଯିବା ଲୋକ ପ୍ରକୃତରେ ଲୋକ ପଦବାଚ୍ୟ ନୁହନ୍ତି। ତାଳି ଗାଳିକୁ ଗଳାରେ ଧରି ଧୀର ସ୍ଥିରରେ ଆଗକୁ ବଢୁଥିବା ଲୋକ ଦିନେ ନା ଦିନ ଦୁନିଆରେ ବଡ ମଣିଷ ହେବ ଏ କଥା ସତ୍ୟ। ଯେମିତି ଚା'ବାଲାରୁ ଭାରତ ପ୍ରଧାନମନ୍ତ୍ରୀ ମୋଦି, ଖବରକାଗଜ ବିକ୍ରି କରୁଥିବା ପିଲାଟି ଡ ଅବଦୁଲ କାଲାମ, ବସ କଣ୍ଡକ୍ଟରରୁ ଫିଲ୍ମ ଷ୍ଟାର ରଜନୀ କାନ୍ତ ,ଟିକେଟ ବିକ୍ରି କରୁଥିବା ପିଲା ବିଶ୍ୱ ବିଖ୍ୟାତ କ୍ରିକେଟର ଧୋନି, ବେଟର ଆଜି ଅକ୍ଷୟ କୁମାର, ଚଷାପୁଅ ଶିଖର ଧବନ୍, ଏମିତି ଅନେକ ଉଦାହରଣ ଅଛି ଯେଉଁମାନେ ଜୀବନରେ କେବେ ବି ତାଳିକି ଗାଳିକୁ ଚାହିଁନାହାନ୍ତି। ତାଳି ମିଳୁ କି ଗାଳି ମିଳୁ ,ସାଧନାକୁ ସ୍ଥିର କରି ଆଗକୁ ଚାଲିଲେ ହିଁ ମଣିଷ ପରି ଜଣେ ମଣିଷ ହେବ ଏଥିରେ ସନ୍ଦେହ ନାହିଁ।

**ନବରଙ୍ଗପୁର, ମୋ -୯୪୩୭୭୮୫୧୫୮**


# ୧୫ ଦିନରେ ହିଁ ସ୍ୱପ୍ନ ବାସ୍ତବ ହେବା ଆରମ୍ଭ

**ଜନୁଆରୀ ୧୩ରେ ପ୍ରଧାନମନ୍ତ୍ରୀ ମୋଦି ଜମ୍ମୁ ଓ କଶ୍ମୀରରେ ନିର୍ମିତ ସୋନମର୍ଗ ଟନେଲର ଉଦ୍‌ଘାଟନ କରିଥିଲେ। ଯାହାକି କେବଳ ଯୋଗାଯୋଗ ଓ ପର୍ଯ୍ୟଟନକୁ ପ୍ରେତ୍ସାହିତ କରିବ ତାହା ନୁହେଁ, ବରଂ ଜାତୀୟ ସୁରକ୍ଷାକୁ ବି ସୁଦୃଢ କରିବ । ସେହିଦିନ ସଂଧ୍ୟାରେ ସେ ଭାରତର ସାଂସ୍କୃତିକ ଏକତା ଓ ଐତିହ୍ୟକୁ ଦର୍ଶାଉଥିବା ପର୍ବ ଲୋହରି, ପୋଙ୍ଗଲ ଓ ମକରସଂକ୍ରାନ୍ତି ପାଳନ କରିଥିଲେ ।**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେତେକ ପରିବର୍ତ୍ତନକାରୀ ପଦକ୍ଷେପ ସହ ୨୦୨୫ର ଅୟମାରମ୍ଭ କରିଛନ୍ତି। ଯାହାକି ଏକ ପ୍ରଗତିଶୀଳ, ଆତ୍ମନିର୍ଭରଶୀଳ ଓ ଏକତ୍ର ଭାରତ ପାଇଁ ତାଙ୍କର ଦୂରଦୃଷ୍ଟିକୁ ଜାହିର କରୁଛି । ଭିତ୍ତିଭୂମି ବିକାଶ ଓ ବୈଜ୍ଞାନିକ ଗବେଷଣା ଠାରୁ ଆରମ୍ଭ କରି ଯୁବ ସଶକ୍ତୀକରଣ ଓ ଭାରତର ସାଂସ୍କୃତିକ ବିବିଧତାକୁ ପାଳନ କରିବା ପର୍ଯ୍ୟନ୍ତ ତାଙ୍କର ନେତୃତ୍ୱ ଏକ ସଫଳ ବର୍ଷ ପାଇଁ ଭିତ୍ତି ପ୍ରସ୍ତୁତ କରିଛି ।

ବର୍ଷର ପ୍ରଥମ କ୍ୟାବିନେଟ ବୈଠକରେ ହିଁ କୃଷକମାନଙ୍କ କଲ୍ୟାଣ ଉପରେ ନିଜର ଫୋକସକୁ ଅବ୍ୟାହତ ରଖି ଡାଇ ଆମୋନିୟମ ଫସଫେଟ (ଡିଏପି) ଉପରେ ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜର ସଂପ୍ରସାରଣକୁ ଅନୁମୋଦନ କରାଯାଇଥିଲା। ଏହି ପଦକ୍ଷେପ ଦ୍ୱାରା କୃଷକମାନଙ୍କ ପଇଁ ସୁଲଭ ମୂଲ୍ୟରେ ସାର ଉପଲବ୍ଧତାକୁ ସୁନିଶ୍ଚିତ କରାଯାଇଛି । ଏହି ନିଷ୍ପତ୍ତି ଭାରତର କୃଷି ମେରୁଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିଦିନ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଗାୟକ-ଅଭିନେତା ଦିଲଜିତ୍ ଦୋସାଞ୍ଜ ଏବଂ ଚେସ୍ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କ ଭଳି ସାଂସ୍କୃତିକ ବ୍ୟକ୍ତିତ୍ୱମାନଙ୍କୁ ଭେଟିଥିଲେ ଯାହାକି କଳା, କ୍ରୀଡ଼ା ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ଉପରେ ତାଙ୍କର ଫୋକସକୁ ଦର୍ଶାଇଥାଏ ।

ପ୍ରଧାନମନ୍ତ୍ରୀ ମୋଦି ଦିଲ୍ଲୀରେ ଇନ୍-ସିଟୁ ବସ୍ତି ଅଇଥାନ ପ୍ରକଳ୍ପ ଅଧୀନରେ ୧,୬୭୫ ଟି ନବନିର୍ମିତ ଫ୍ଲାଟ ଆବଣ୍ଟନ କରିଥିଲେ,




ଯାହା ହଜାର ହଜାର ପରିବାରର ଉନ୍ନତ ଜୀବନଧାରଣକୁ ସୁନିଶ୍ଚିତ କରିଥିଲା । ସୁରଜମଲ ବିହାରସ୍ଥିତ ଇଷ୍ଟର୍ଣ୍ଣ କ୍ୟାମ୍ପସ, ଦ୍ୱାରକାସ୍ଥିତ ପଶ୍ଚିମ କ୍ୟାମ୍ପସ ଏବଂ ନଜଫଗଡ଼ର ବୀର ସାବରକର କଲେଜ ସମେତ ୬୦୦ କୋଟି ରୁ ଅଧିକ ଟଙ୍କାର ତିନୋଟି ପରିବର୍ତ୍ତନକାରୀ ଶିକ୍ଷା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଶିକ୍ଷା ଭିତ୍ତିଭୂମି ବୃଦ୍ଧି ଏବଂ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବା ଏହି ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ।

ଜାନୁଆରୀ ୪ରେ ଅନୁଷ୍ଠିତ ଗ୍ରାମୀଣ ଭାରତ ମହୋତ୍ସବରେ ଜିଏଲ-ପ୍ରମାଣିତ ଗ୍ରାମୀଣ ଉତ୍ପାଦ ଓ ଗ୍ରାମୀଣ ଅର୍ଥନୀତିକୁ ପ୍ରେତ୍ସାହନ ଦିଆଯାଇଥିଲା ଯାହାକି ଗ୍ରାମୀଣ ବିକାଶ ପାଇଁ ସରକାରଙ୍କ ପ୍ରାଥମିକତାକୁ ଦର୍ଶାଉଛି । ଏହି ପଦକ୍ଷେପଟି, ଗ୍ରାମୀଣ ଭାରତକୁ ସଶକ୍ତ କରିବା ଓ ତାହାକୁ ବିଶ୍ୱ ଅର୍ଥନୀତି ସହ ଯୋଡ଼ିବା ପାଇଁ ରଖାଯାଇଥିବା ଲକ୍ଷ୍ୟ ସହ ମେଳ ଖାଉଛି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲାଙ୍କ ସମେତ ବିଶ୍ୱସ୍ତରୀୟ ଟେକନଲୋଜୀ ଲିଡରମାନଙ୍କ ସହ ଆଲୋଚନା କରିଥିଲେ। ଯେଉଁଠାରେ ଭାରତରେ ଏଆଇ ଭିତ୍ତିଭୂମିରେ ୩ ବିଲିୟନ ଡଲାର ନିବେଶ କରିବାକୁ ଘୋଷଣା କରାଯାଇଥିଲା। ଦେଶରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଏବଂ ଏକ ଆତ୍ମନିର୍ଭରଶୀଳ ଟେକ୍‌ନଲୋଜୀ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ଏହି ଆଲୋଚନା ହୋଇଥିଲା ।

ଭିତ୍ତିଭୂମି ବିକାଶ ଉପରେ ରହିଥିବା ଫୋକସକୁ ଜାରି ରଖି ଜାନୁଆରି ୫ରେ ନମୋ ଭାରତ ଟ୍ରେନ କରିଡରର ଉଦ୍‌ଘାଟନ କରାଯାଇଥିଲା । ଯାହାକି ସାହିବାବାଦ ସହ ଅଶୋକନଗରକୁ ଯୋଡ଼ିଥାଏ । ଏହା ସହିତ ଓଡ଼ିଶା, ତେଲେଙ୍ଗାନା ଏବଂ ଜମ୍ମୁ ଓ କଶ୍ମୀରରେ ବିଭିନ୍ନ ରେଳ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପରିବହନ ନେଟୱର୍କର ଆଧୁନିକୀକରଣ କ୍ଷେତ୍ରରେ ଦେଉଥିବା ଦ୍ରୁତ ପ୍ରଗତିକୁ ଏହା ଦର୍ଶାଉଛି । ଜାନୁଆରୀ ୭ରେ ପ୍ରଧାନମନ୍ତ୍ରୀ ଆନ୍ଧ୍ରପ୍ରଦେଶରେ ଦୁଇଟି ଐତିହାସିକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଗୋଟିଏ ହେଉଛି ୧୮୭୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବଲକ୍ ଡ୍ରଗ୍ ପାର୍କ ଓ ଅନ୍ୟଟି ହେଉଛି ଗ୍ରୀନ ହାଇଡ୍ରୋଜେନ ହବ୍, ଯାହାକି ଦିନକୁ ୧୫୦୦ ଟନ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ କରିପାରିବ । ଏହି ଦୁଇ ପ୍ରକଳ୍ପ ଅକ୍ଷୟ ଶକ୍ତି ଓ ଫାର୍ମାସୁଟିକାଲ ଉତ୍ପାଦନ କ୍ଷେତ୍ରରେ ଭାରତର ଅଗ୍ରଣୀ ଭୂମିକାକୁ ଦର୍ଶାଉଛି ।

ଜାନୁଆରି ୯ରେ ଜିନୋମ ଇଣ୍ଡିଆ ପ୍ରୋଜେକ୍ଟ ଉଦ୍‌ଘାଟନ ହୋଇଥିଲା। ଯାହାକି ଭାରତୀୟଙ୍କ ଜେନେଟିକ୍ ବିବିଧତାର ପରିମାପ କରିବ ଜେନେଟିକ ସମସ୍ୟାର ଉପଚାରକୁ ଆଗେଇ ନେବ। ସେହିଦିନ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ ଦିବସରେ ଉଦ୍‌ବୋଧନ ଦେଇଥିଲେ।

ପ୍ରବାସୀ ଭାରତୀୟ ଦିବସ ପ୍ରବାସୀ ଭାରତୀୟଙ୍କ ସଫଳତା ଓ ବିଶ୍ୱ ପାଇଁ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇଥାଏ। ଜାନୁଆରୀ ୧୨ରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସରେ ପ୍ରଧାନମନ୍ତ୍ରୀ ମୋଦି ବିକଶିତ ଭାରତ ଯୁବ ନେତା ସମ୍ମିଳନୀ ୨୦୨୫ରେ ଯୋଗ ଦେଇଥିଲେ । ଏହି ପଦକ୍ଷେପ ଉଦ୍ଭାବନଶୀଳ ଯୁବ ପ୍ରତିଭାମାନଙ୍କୁ ଏକତ୍ର କରିଥିଲା । ଏକ ବିକଶିତ ଭାରତ ପାଇଁ ସେମାନେ ନିଜ ନିଜର ଦୃଷ୍ଟିକୋଣ ବାଣ୍ଟିଥିଲେ । ଏହା ମଧ୍ୟ ଯୁବପିଢିଙ୍କୁ ସଶକ୍ତ କରିବା କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଜନୁଆରୀ ୧୩ରେ ପ୍ରଧାନମନ୍ତ୍ରୀ ମୋଦି ଜମ୍ମୁ ଓ କଶ୍ମୀରରେ ନିର୍ମିତ ସୋନମର୍ଗ ଟନେଲର ଉଦ୍‌ଘାଟନ କରିଥିଲେ। ଯାହାକି କେବଳ ଯୋଗାଯୋଗ ଓ ପର୍ଯ୍ୟଟନକୁ ପ୍ରେତ୍ସାହିତ କରିବ ତାହା ନୁହେଁ, ବରଂ ଜାତୀୟ ସୁରକ୍ଷାକୁ ବି ସୁଦୃଢ କରିବ । ସେହିଦିନ ସଂଧ୍ୟାରେ ସେ ଭାରତର ସାଂସ୍କୃତିକ ଏକତା ଓ ଐତିହ୍ୟକୁ ଦର୍ଶାଉଥିବା ପର୍ବ ଲୋହରି, ପୋଙ୍ଗଲ ଓ ମକରସଂକ୍ରାନ୍ତି ପାଳନ କରିଥିଲେ ।

ଜାନୁଆରୀ ୧୫ରେ ପ୍ରଧାନମନ୍ତ୍ରୀ ଆଉ ଏକ ଐତିହାସିକ ମାଇଲଖୁଣ୍ଟରେ ପହଞ୍ଚିଥିଲେ ଯେତେବେଳେ ସେ ଭାରତୀୟ ନୌସେନା ପାଇଁ କେତେକ ଯୁଦ୍ଧ ଜାହାଜ ଓ ବୁଡ଼ାଜାହାଜର ଲୋକାର୍ପଣ କରିଥିଲେ । ଏସବୁ ଯୁଦ୍ଧ ଜାହାଜ ସାମିଲ ହେବା ପରେ ଭାରତୀୟ ମହାସାଗର ଅଂଚଳରେ ଭାରତୀୟ ନୌସେନାର ଶକ୍ତିବୃଦ୍ଧି ହେବ । ଏହା ମଧ୍ୟ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଲାଗି ସରକାରଙ୍କ ଅଙ୍ଗୀକାରକୁ ଦର୍ଶାଉଛି । ଜାନୁଆରି ୧୬ରେ ଭାରତୀୟ ମହାକାଶ କାର୍ଯ୍ୟକ୍ରମ ପାଇଁ ଥିବା ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଛୁଇଁଲା ଯେତେବେଳେ ଇସ୍ରୋ ଦ୍ୱାରା ସ୍ପେସ ଡକିଂ ସାଟେଲାଇଟର ପ୍ରଦର୍ଶନ କରାଗଲା । ଏହି ସଫଳତା ଆଗାମୀ ଦିନରେ ଭାରତର ମହାକାଶ କାର୍ଯ୍ୟକ୍ରମକୁ ଏକ ନୂଆ ଉଚ୍ଚତାକୁ ନେଇଯିବ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପ୍ରଥମ ୧୫ ଦିନରେ ହିଁ ୨୦୨୫ ଲାଗି ଏକ ପରିବର୍ତ୍ତନମୂଳକ ଶୁଭାରମ୍ଭ କରାଯାଇଛି । ବୈଜ୍ଞାନିକ ସଫଳତା ଏବଂ ଭିତ୍ତିଭୂମି ପ୍ରକଳ୍ପଠାରୁ ଆରମ୍ଭ କରି ଯୁବ ସଶକ୍ତୀକରଣ ଏବଂ ସାଂସ୍କୃତିକ ଉତ୍ସବ ଆଦି କାର୍ଯ୍ୟ ଏକ ବିକଶିତ ଭାରତ ଗଠନ ଲାଗି ତାଙ୍କର ପରିକଳ୍ପନାକୁ ପ୍ରତିଫଳିତ କରେ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆମେ ସମସ୍ତେ ମିଶି ଏକ ବିକଶିତ ଭାରତ ଗଠନ କରୁଛୁ, ଯେଉଁଠାରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ପ୍ରତ୍ୟେକ ନାଗରିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

**(ପିଆଇବି)**

# ହିନ୍ଦୁ ଧାର୍ମିକ ପରମ୍ପରାରେ ତ୍ରିବେଣୀ ଅମାବାସ୍ୟା

**ଅଲେଖ ଚନ୍ଦ୍ର ସାମଲ**

**ତ୍ରିବେଣୀ ଅମାବାସ୍ୟା ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇ ଜୀବନ ମୋକ୍ଷ ହୋଇଯାଏ ବୋଲି ବିଶ୍ୱାସ ଅଛି। ପ୍ରୟାଗ ତୀର୍ଥମାନଙ୍କର ରାଜା। ଏହା ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ମିଳନ ସ୍ଥଳ। ତ୍ରିବେଣୀ, ବେଣୀମାଧବ, ସୋମନାଥ, ଭରଦ୍ୱାଜ ମୁନି ଆଶ୍ରମ, ବାସୁକୀନାଥ ଓ ଶେଷନାଥଙ୍କର ପବିତ୍ର ସ୍ଥାନ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ।**

ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମକରଣ କରାଯାଇଛି । ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି । କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ, ଅଳଙ୍କାର ପ୍ରିୟ ବିଷ୍ଣୁ, ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି । ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ।

ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୂଜରେ ତ୍ରିଶୂଳ ଓ ଅନ୍ୟ ଭୂଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ। ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ। ସେଥିଲାଗି ଚଳଚଞ୍ଚଳ ହୋଇଉଠେ ବିରଜାକ୍ଷେତ୍ର। ଏହା ମା'ଙ୍କର ମୁଖ୍ୟପର୍ବ ହୋଇଥିବାରୁ ପୀଠକୁ ସୁସଜ୍ଜିତ ଆଲୋକମାଳରେ ସଜାଯାଇ ଉତ୍ସବ ପାଳନ କରାଯାଏ। ଏହି ଦିନ ମା'ସାବିତ୍ରୀ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତାଙ୍କୁ ସୁନା ଅଳଙ୍କାର ଓ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରାଯାଇ ବ୍ରହ୍ମାଙ୍କ ସହିତ ଗାୟତ୍ରୀ ମନ୍ତ୍ର ଦ୍ୱାରା ପୂଜା କରାଯାଏ ଯାହାକି ବ୍ରହ୍ମତନ୍ତ୍ରରେ ଉଲ୍ଲେଖ ଅଛି।

ଅନ୍ୟପକ୍ଷରେ ଏହି ଦିନଟି ମୁନି, ଋଷିମାନଙ୍କର ଜନ୍ମଦିନ ଭାବେ ପାଳିତ ହେଉଥିବାରୁ ଏହି ଅମାବାସ୍ୟାକୁ ମଧ୍ୟ ମୌନ ଅମାବାସ୍ୟା କୁହାଯାଏ। ମକର ରାଶିରେ ସୂର୍ଯ୍ୟ ଓ ଚନ୍ଦ୍ର ଏହି ଦିନରେ ମିଳିତ ହୁଅନ୍ତି। ତେଣୁ ଏହି ଅମାବାସ୍ୟାର ମହତ୍ତ୍ୱ ବହୁତ ବଢ଼ିଯାଏ। ଏହି ଦିନରେ ପବିତ୍ର ନଦୀମାନଙ୍କରେ ସ୍ନାନ କଲେ ପୂର୍ଣ୍ଣଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ। ପାଟନା ପଣ୍ଡିତ ଦୟାନନ୍ଦ ଋଷିଙ୍କ ଅନୁସାରେ ତ୍ରିବେଣୀ ଅମାବାସ୍ୟା ମୁନି, ଋଷିମାନଙ୍କର ଅମାବାସ୍ୟା ଅଟେ। ଏହିଦିନରେ ମୌନବ୍ରତ ପାଳନ କରାଯାଏ। ମୁନି ଶବ୍ଦରୁ ମୌନର ଉତ୍ପତ୍ତି ହୋଇଛି। ସେଥିପାଇଁ ଏହି ବ୍ରତରେ



ଯେଉଁ ଋଷି ମୌନବ୍ରତ ଧାରଣ କରି ପୂର୍ଣ୍ଣ ଭାବରେ ପାଳନ କରନ୍ତି ତାଙ୍କୁ ଭଲ ସମ୍ମାନ ଓ ପଦବୀ ମିଳେ। ଏହି ଦିନରେ ମୌନ ରହି ଗଙ୍ଗା ଓ ଯମୁନା ନଦୀରେ ସ୍ନାନ କରନ୍ତି। ଯଦି ଏହ ଅମାବାସ୍ୟା ସୋମବାର ଦିନ ପଡୁଥାଏ ଏହାର ମହତ୍ତ୍ୱ ଆହୁରି ବଢ଼ିଯାଏ। ପବିତ୍ର ମାଘମାସରେ ପଡୁଥିବା ଏହି ଅମାବାସ୍ୟାରେ ଗଙ୍ଗାସ୍ନାନ କଲେ ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ କରାଯାଏ। ମାଘମାସର ଅମାବାସ୍ୟା ଓ ପୂର୍ଣ୍ଣମୀ ବହୁତ ପବିତ୍ରଦିନ। ଏହିଦିନ ପୃଥିବୀରେ ସୂର୍ଯ୍ୟ କି ଚନ୍ଦ୍ରକୁ କୌଣସି ନା କୌଣସି ସ୍ଥାନରେ ଗ୍ରହଣ ଲାଗିଥାଏ। ସେଥିପାଇଁ ଏହି ଦିନକୁ ଧର୍ମାତ୍ମାମାନେ ସ୍ନାନ ସାରି ଦାନ କର୍ମ କଲେ ପୁଣ୍ୟଫଳ ମିଳେ।

ପୁରାଣ ଅନୁସାରେ ଏହି ଦିନ ପବିତ୍ର ନଦୀ ଗଙ୍ଗାରେ ଦେବତାମାନଙ୍କର ଉପସ୍ଥିତି ଥାଏ। ସେଥିପାଇଁ ଏହି ଦିନରେ ଗଙ୍ଗା ସ୍ନାନର ବହୁତ ମହତ୍ତ୍ୱ ଅଛି। ଭକ୍ତମାନେ ପୂର୍ବରୁ ଏକତ୍ରିତ ହୋଇ କୁଡ଼ିଆ କରି ରହିଥାନ୍ତି। ପବିତ୍ର ଅମାବାସ୍ୟାରେ ଗଙ୍ଗା-ଯମୁନା-ସରସ୍ୱତୀ ନଦୀର ସଙ୍ଗମ ସ୍ଥାନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ଶରୀର ଶୁଦ୍ଧି ହୋଇଥାଏ। ଏହି ଦିନ ମୌନ ରହିଲେ ମନର ଶୁଦ୍ଧି ଆଉ ଦାନ କଲେ ଧନ ବୃଦ୍ଧି ହୁଏ । ଏହି ଦିନ ଗଙ୍ଗାରେ ସ୍ନାନ କଲେ ମନୁଷ୍ୟର ଶାରୀରିକ, ଭୌତିକ ଓ ଦୈବିକ ପାପ ନାଶ ହୋଇଯାଏ। ତ୍ରିବେଣୀ ଅମାବାସ୍ୟା ସ୍ୱର୍ଗର ସବୁ ଦେବତାମାନେ ଗଙ୍ଗାରେ ବାସ କରିଥାନ୍ତି ଯାହା ଫଳରେ କି ଏଠାରେ ସ୍ନାନ କଲେ ସବୁ ପାପ ଦୂର କରିଦିଅନ୍ତି।

ପୁରାଣ ଅନୁସାରେ ତ୍ରିବେଣୀ ଅମାବାସ୍ୟା ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇ ଜୀବନ ମୋକ୍ଷ ହୋଇଯାଏ ବୋଲି ବିଶ୍ୱାସ ଅଛି। ପ୍ରୟାଗ ତୀର୍ଥମାନଙ୍କର ରାଜା। ଏହା ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ମିଳନ ସ୍ଥଳ। ତ୍ରିବେଣୀ, ବେଣୀମାଧବ, ସୋମନାଥ, ଭରଦ୍ୱାଜ ମୁନି ଆଶ୍ରମ, ବାସୁକୀନାଥ ଓ ଶେଷନାଥଙ୍କର ପବିତ୍ର ସ୍ଥାନ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନ ଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ। ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି। ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବ୍ରତ ଧାରଣ କରନ୍ତି। ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୂରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ। ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ। ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାନ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ ମିଳିଥାଏ।

**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**

# ରୁଙ୍ଗଟା କମ୍ପାନୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଯୋଡ଼ା,୧୭।୧ (ନିପ୍ର): କୋଇଡା ବ୍ଲକ ଅନ୍ତର୍ଗତ ରୁଙ୍ଗଟା କମ୍ପାନୀର ସାନିନ୍ଦପୁର ଲୌହ ଏବଂ ବକ୍ସାଇଟ ଖଣି ତରଫରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଇଡା ବ୍ଲକ ଅନ୍ତର୍ଗତ ସାନିନ୍ଦପୁରର କୁମ୍ଭ ହାଟିଙ୍ଗ ଏବଂ କଂଟ୍ରାକଟର କଲୋନୀରେ ରକ୍ତହୀନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୁଙ୍ଗଟା କମ୍ପାନୀର ଡାକ୍ତର ତୁହିନା କନଓ୍ୱାର ରକ୍ତ ହୀନତା ରୋଗର ଲକ୍ଷଣ ଓ ତାର ନିରାକରଣ ଉପରେ ଲୋକମାନଙ୍କୁ ବୁଝାଇଥିଲେ । ଏହି ରୋଗ ହେଲେ ଗୋଡ ହାତ ଝିମ ଝିମ ହେବା, ତଳି ପାଦ ଛୁଞ୍ଚି ଫୋଡିଲା ପରି ଲାଗିବା, ଆଖିକୁ ଝାପ୍ସା ଦେଖାହେବା, ମୁଣ୍ଡ ବୁଲାଇବା ଇତ୍ୟାଦି ତାଙ୍କ ବକ୍ତ୍ୱାବ୍ୟାରେ କହିଥିଲେ । ଏହି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଡାକ୍ତଖାନା ଯାଇ ରକ୍ତ ପରୀକ୍ଷା କରିବା ସହ ଔଷଧ ସେବନ କରିବାକୁ ଉପଦେଶ ଦେଇଥିଲେ । ଏହି ସଚେତତା କାର୍ଯ୍ୟକ୍ରମରେ ସାନିନ୍ଦପୁର, ପୁରେହିବାହାଲ ଗାଁ ଲୋକମାନେ ଯୋଗ ଦେଇଥିଲେ । ଉକ୍ତ ଗାଁର ଲୋକମାନଙ୍କୁ ସ୍ୱଛତା କିଟ ପ୍ରଦାନ କରଯାଇଥିଲା । ସାନିନ୍ଦପୁର ଖଣି ପରିଚାଳକ ତଥା ଏଭିପି (ମାଇନିଙ୍ଗ) ଅନିଲ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଛତା କିଟ୍ କରାଯାଇଥିଲା । କାର୍ଯ୍ୟକ୍ରମରେ କମ୍ପାନୀର ଅତିରିକ୍ତ ଡିଜିଏମ(କାର୍ମିକ )ବିଷ୍ଣୁ ପଦ ଷଡ଼ଙ୍ଗୀ, ଡ଼ିଜିଏମ ସଞ୍ଜୟ କୁମାର ଆଚାର୍ଯ୍ୟ, ସିନିଅର ମ୍ୟାନେଜେର ସନ୍ତୋଷ ନାୟକ (ସିଏସଆର ମ୍ୟାନେଜେର ),ଉଜ୍ୱଳ କୁମାର ମଲ୍ଲିକ, ଫାର୍ମାସିଷ୍ଟ ସୁପ୍ରଭା ମହାନ୍ତ, ସାନିନ୍ଦପୁର ଗାଁର ସରସ୍ୱତୀ ନାଏକ ,ଚରଣ ମାହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ଓ ରୁଙ୍ଗଟାର ଏହି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା ।

# ପୁରୀରେ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ

ପୁରୀ,୧୭।୧ (ନିପ୍ର): ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗୋରୁଆଳ ପଞ୍ଚାୟତର ଆଳିପଡା ଗ୍ରାମସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳାରେ ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଏବଂ ତୁଳସୀପୀଠାଧିଶ୍ୱର ଜଗତଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ରାମଭଦ୍ରାଚାର୍ଯ୍ୟ ମହାରାଜଙ୍କ ୭୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଜୀ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମହୀପ୍ରକାଶ ମଠର ମହନ୍ତ ଶୁଭାନନ୍ଦ ପୁରୀ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଲେ ଗୋରୁଆଳର ଗୋବିନ୍ଦ ଗୋଧାମ ଗୋଶାଳା ବର୍ତ୍ତମାନ ଗୋତୀର୍ଥରେ ପରିଣତ ହୋଇଛି । ଭାରତବର୍ଷର ବିଭିନ୍ନ ରାଜ୍ୟର ସାଧୁ, ସନ୍ଥ ବର୍ତ୍ତମାନ ଗୋରୁଆଳର ଗୋବିନ୍ଦ ଗୋଧାମ ଗୋଶାଳାକୁ ଗୋତୀର୍ଥ ବୋଲି ବିବେଚନା କରୁଛନ୍ତି । ଏହି ଗ୍ରାମର ପ୍ରତ୍ୟେକଟି ଗ୍ରାମବାସୀ ଜଣେ ଜଣେ ଗୋଭକ୍ତ ଅଟନ୍ତି । ଜଗତଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ରାମଭଦ୍ରାଚାର୍ଯ୍ୟ ଏହି ଗୋବିନ୍ଦ ଗୋଧାମରେ ଅବସ୍ଥାନ ସହିତ ବିଭିନ୍ନ ସାଧୁସନ୍ଥଙ୍କର ଆଗମନ ଗୋଭକ୍ତମାନଙ୍କୁ ପ୍ରେରଣା ଯୋଗାଉଛି । ପୁରୀ ବ୍ରହ୍ମଗିରି ରାଷ୍ଟ୍ରୀୟ ରାଜମାର୍ଗ ଅବରୋଧ କରି ବିଶ୍ରାମ ନେଉଥିବା ଗୋମାତାଙ୍କୁ ସୁରକ୍ଷିତ ଗୋଶାଳା ମାଧ୍ୟମରେ ଆଶ୍ରୟ ଦେଉଥିବା ଗ୍ରାମବାସୀମାନଙ୍କୁ ସମ୍ମାନିତ ପର୍ବରେ ସାହଜାନ ପୁର, ସିଆରା, କେଉଟକୁଦୀର ପ୍ରଧାନ ସାହି, ଭୂବନପୁର, ଜେନାପୁର, ଶିତଳପଦା, ନିଆଜପୁର, ଚଣ୍ଡୀପୁଟ, ରାମେଶ୍ୱରପୁର, ଆଳିପଡା, ଅଙ୍କିପାଟଣା ପ୍ରମୁଖ ଗ୍ରାମବାସୀଙ୍କୁ ସାମୁହିକରୂପେ ଗୋ-ସେବକ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ପୁରୀ ଜିଲ୍ଲା ମୁଖ୍ୟ ପ୍ରାଣୀ ସଂପଦ ଅଧିକାରୀ ଡ. ଶରତ କୁମାର ବେହେରା, ଶ୍ରୀମନ୍ଦିରର ବରିଷ୍ଠ ସୁପକାର ସେବାୟତ ଝୁନା ଦୀକ୍ଷିତ, କାହ୍ନୁ ପଣ୍ଡା, ଗୋସେବା ଫୋରମର ଓଡିଶା ମୁଖ୍ୟ ତଥା ଚାଟାର୍ଡ ଆକାଉଣ୍ଟାଣ୍ଟ ବିଜୟ ଟିବରିୱାଲ, ଭାଜପାର ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟ ରଞ୍ଜିତା ପାଢୀ, ଗୋବିନ୍ଦ ଗୋଧାମର ବାବା କୃଷ୍ଣଚନ୍ଦ୍ର ମହାରାଜ, ଗୋରୁଆଳ ସରପଞ୍ଚ ନିରଞ୍ଜନ ମିଶ୍ର, ଭୁବନପୁରର ସରପଞ୍ଚ ଅମୁଲ୍ୟ ପ୍ରଧାନ, ଜଗତସିଂହପୁରର ଗୋ-ସେବକ ସୁରେନ୍ଦ୍ର ଦାସ ଏବଂ ଆଡଭୋକେଟ ସ୍ନେହାଶିଷ ମହାନ୍ତି ସମ୍ମାନିତ ଅତିଥିରୂପେ ଗ୍ରାମବାସୀଙ୍କୁ ସମ୍ମାନିତ କରିଥିଲେ ।

# ବେଗୁନିଆରେ ଜମୁଛି ମକରମେଳା

ଭାପୁର,୧୭।୧ (ନିପ୍ର): ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ବେଗୁନିଆ ଗ୍ରାମରେ ମକରସଂକ୍ରାନ୍ତି ଦିନ ଠାରୁ ୭ଦିନ ଧରି ପ୍ରଭୁ ବାବା ବାଲୁଙ୍କେଶ୍ୱରଙ୍କ ପୀଠରେ ମକର ମେଳା ଆରମ୍ଭ ହୋଇଛି । ବାବା ବାଲୁଙ୍କେଶ୍ୱର ଦେବଙ୍କୁ ଏକ ସୁସଜ୍ଜିତ ବିମାନରେ ବିରାଜ ମାନ କରାଇ, ଘଣ୍ଟଘଣ୍ଟା, ମୃଦଙ୍ଗ, ତୁରୀ, ମହୁରୀ, ମାଦଳ,ଝାଞ୍ଜ,ଡି.ଜେ.ବାଜା ର ତାଳେତାଳେ ଗ୍ରାମ ପରିକ୍ରମା କରାଇ ଯାତ୍ରା ପଡିଆକୁ ପାଛୋଟି ନିଆ ଯାଇଥିଲା ।ମକର ମେଳା ପଡିଆରେ ପୂଜାର୍ଚ୍ଚନା କରାଯିବା ସହିତ ମକର ମେଳା ର ଶୁଭାରମ୍ଭ ହୋଇଥିଲା । ପ୍ରତ୍ୟେକ ଦିନ ଦର୍ଶକମାନଙ୍କ ମନୋରଞ୍ଜନ ନିମନ୍ତେ ଅପେରା ପାର୍ଟି ମାଧ୍ୟମରେ ସାମାଜିକ ନାଟକ ମଞ୍ଚସ୍ଥ ହେଉଥିବାବେଳେ ଦିନବେଳେ ପୌରାଣିକ ଧର୍ମି କାର୍ଯ୍ୟକ୍ରମ ମଞ୍ଚସ୍ଥ ହେଉଛି । ଏହି ମେଳା ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତିଦିନ ହଜାର ହଜାର ଦର୍ଶକ ଓ ଶ୍ରଦ୍ଧାଳୁ ମାନଙ୍କ ସମାଗମ ଦେଖିବାକୁ ମିଳୁଛି ।

# ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶେରଗଡ,୧୭।୧ (ନିପ୍ର): ବ୍ଲକ ଅନ୍ତର୍ଗତ ଧନନ୍ତର ସ୍ଥିତ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଗନ୍ତୁକ ଅତିଥି ମାନେ ପହଞ୍ଚି ବା ପରେ ବିଦ୍ୟାଳୟର ସମ୍ମୁଖରେ ଥିବା ଗଜାନନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର କୁମାର ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶ ସେଠୀ,ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପାଢ଼ୀ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମକରା ସ୍ୱାଇଁ, ବିଜ୍ଞାନ ଅଧାପକ ଶିଶିର କାନ୍ତ ତ୍ରିପାଠୀ,ସମିତିସଭ୍ୟ ରବିନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ପ୍ରତିଯୋଗିତା ମନୋଭାବ ପୋଷଣ କରିବାର ଆବଶ୍ୟକତା ରହିଛି ବୋଲି ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ସମସ୍ତ ଛାତ୍ରଛାତ୍ରୀ ମନଦେଇ ପାଠ ପଢି ବଡ଼ ମଣିଷ ହେବା ସହ ବିଦ୍ୟାଳୟର ନାମ ରଖିବାକୁ ଆହ୍ୱାନ ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

ବଡ଼ସାହି,୧୭।୧ (ନିପ୍ର); ବଡ଼ସାହି ବ୍ଲକ୍‌ର ବିଡ଼ିଓ ବନଜା ଦାସଙ୍କ ଆହ୍ୱାନ କ୍ରମେ ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ବଡ଼ସାହି ବ୍ଲକ୍ ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବଡ଼ସାହି ପଞ୍ଚାୟତ ସମିତିର ଉପାଧକ୍ଷ କାଞ୍ଚନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଅଛି । ସ୍ଥାନୀୟ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଅଫିସ୍, ବ୍ୟାଙ୍କ୍, ବିଭିନ୍ନ ସଂଘ, ସଂଗଠନର ପଦାଧିକାରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ଦିବସ ପାଳନ କମିଟିର କାର୍ଯ୍ୟକାରୀ ସଭାପତି ରଣଜିତ କୁମାର ଦାସ, ବ୍ଲକ୍ କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ ରବିନାରାୟଣ ପୁଥାଳ ବରିଷ୍ଠ ସଦସ୍ୟ ରାଜେନ୍ଦ୍ର କୁମାର ଜେନା, ବଙ୍କିମ ବିହାରୀ ପାତ୍ର, ସୁବାସିନୀ ପତି, ସୁବୋଧ କୁମାର ଦଣ୍ଡପାଟ, ରଣଜିତ ପାତ୍ର, ବିଧାୟକଙ୍କ ପ୍ରତିନିଧି ଭବାନୀ ଶଙ୍କର ସାହୁ ଆଦି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗଠନମୂଳକ ମତାମତ ପ୍ରଦାନ କରିଥିଲେ ।

# 'ବସୁନ୍ଧରା'ରେ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ନିମନ୍ତେ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭବାନୀପାଟଣା,୧୭।୧ (ନିପ୍ର): କ୍ୟାବିନେଟ ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସୁରେଶ ପୁଝାରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ କଳାହାଣ୍ଡିଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କଳାହାଣ୍ଡି ଲୋକ ସଭା ସଦସ୍ୟା ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଅତିରିକ୍ତ କମିଶନର ବନ୍ଦୋବସ୍ତ ଅଗସ୍ତି ପ୍ରଧାନ, ଉପଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚାକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର



ପରିଡା, ଡେପୁଟି ଜିଲ୍ଲାପାଳ ସତ୍ୟନାରାୟଣ ମେହେର, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ସମୀକ୍ଷା ବୈଠକରେ ଓଆରଟିପିଏସ କେସ ସମୟ ସୀମା ମଧ୍ୟରେ ଫଏସଲା କରିବା ପାଇଁ ମନ୍ତ୍ରୀ ଶ୍ରୀ ପୁଝାରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ବସୁନ୍ଧରା ସ୍କିମ ଯୋଜନାରେ ଭୂମିହୀନମାନଙ୍କୁ ପଟ୍ଟା ପ୍ରଦାନ ଓ ଜିଲ୍ଲାର ଯେଉଁ ସ୍କୁଲ କଲେଜ ନିଜସ୍ୱ ପଟ୍ଟା ନାହି ତାଙ୍କୁ ସ୍ଥାୟୀ ପଟ୍ଟା ଦେବାର ବ୍ୟବସ୍ଥା କରିବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ତା ଛଡା ଅନ୍ୟାନ୍ୟ ରାଜସ୍ୱ ସମ୍ବନ୍ଧୀୟ ବିଷୟରେ ବିଶଦଭାବରେ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ରାଜସ୍ୱ ବିଭାଗର ସଂସ୍କାର ଓ ସ୍ୱଚ୍ଛତା ଆଣିବା ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସୁଚାରୁ ରୂପେ ନିଜର ଦାୟିତ୍ୱ ତୁଲାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ସଂସ୍ଥାମାନଙ୍କୁ ସରକାରୀ ଜମି ଦିଆଯାଇଛି କିନ୍ତୁ ତାକୁ ବ୍ୟବହାର କରୁନାହାନ୍ତି ସେ ସବୁ ଜମିକୁ ଚିହ୍ନଟ କରି ସରକାରଙ୍କ ଖାତାକୁ ଆଣିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଘର ଡିହ ହିନ ୨୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଘର ଡିହ ପଟ୍ଟା ମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ତନ୍ମଧ୍ୟରୁ ୫ ଜଣ ହିତାଧିକାରୀ ଇନ୍ଦ୍ରାବତୀ ପ୍ରକଳ୍ପ ବିସ୍ଥାପିତ ଅଟନ୍ତି । ସମୀକ୍ଷା ବୈଠକରେ ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଗୁଣପୁର,୧୭।୧ (ନିପ୍ର); ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ଆଠଦିନ ପର୍ଯ୍ୟନ୍ତ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଶଶୀଭୂଷଣ ମହାନ୍ତି ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଏହି ତାଲିମ ପ୍ରତ୍ୟେକ ଦିନ ଅଭ୍ୟାସ କରିବାକୁ ଅନୁରୋଧ କରିଥିଲେ । ଏହା ଛାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷା କବଚ ବୋଲି ଅତିଥି ମାନେ ମତ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଗୁଣପୁରର ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ଦୃଢ଼ ହେବା ସହିତ ପାଠପଢ଼ି ଭବିଷ୍ୟତରେ ସମାଜ ତଥା ଦେଶ ସେବାରେ ନିଜକୁ ନିଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଅମିୟ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ନମିତା ମୁଦୁଲି ଓ ଅଧ୍ୟାପିକା ଚିତ୍ରା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରଥମ ବର୍ଷ କଳା ବିଭାଗର ଛାତ୍ରୀ କବିତା ପାଲକା ଶିବିରର ଅନୁଭୂତି ସଂପର୍କରେ ବର୍ଣ୍ଣନା କରିଥିଲେ ।ପ୍ରାଧ୍ୟାପକ ଜଗନ୍ନାଥ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ । ଏକାର୍ଯ୍ୟକ୍ରମର ଦୁଇଜଣ ପ୍ରଶିକ୍ଷିକା ଲିଲି ମାଣ୍ଡାଙ୍ଗି ଓ ବିମଳା ଜେନାଙ୍କ ଦ୍ୱାରା ପ୍ରଶିକ୍ଷିତ କେତେକ ଆତ୍ମରକ୍ଷା କୌଶଳ ଛାତ୍ରୀ ଶିବାନି ଗାଣ୍ଡା, ପି.ଖୁଶୁବୁ ,ସ୍ମୃତି ମାନସିଙ୍ଗ, ବବିତା ଶବର, ସସ୍ମିତା ଶବର, ବବିତା ଶ୍ରୀରାମ ଓ ଅନ୍ୟ ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ବାମନାଳ ଓ ସଲଙ୍ଗ ପଞ୍ଚାୟତରେ ଖୋଲିଲା ଧାନ ମଣ୍ଡି

ପୁରୀ,୧୭।୧ (ନିପ୍ର): ପିପିଲି ଅଧୀନ ଗଦେଇ ଜେନା ସେବା ସମବାୟ ସମିତି ଅଧିନ ବାମନାଳ ପଞ୍ଚାୟତରେ ଆଜି ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି । ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ ଓ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ପରିଚାଳକ ରଂଜିତା ଦଳାଇ ଏହାକୁ ଉଦଘାଟନ କରିଥିଲେ । ଏଥିରେ ଅତିଥି ରୂପେ ଗଦେଇ ଜେନା ସେବା ସମବାୟ ସମିତିର ସଭାପତି ସବ୍ୟସାଚୀ ପାଣି , ସମ୍ପାଦକ ବିଷ୍ଣୁ ପ୍ରସାଦ ବାରିକ, ପରିଚାଳନା କମିଟିର ସଭ୍ୟ ଶଶାଙ୍କ ପାଣି, ପୁର୍ବତନ ସମିତି ସଭ୍ୟ ଦିଲ୍ଲୀପ କୁମାର ଦାସ, ନିରଞ୍ଜନ ବେହେରା, ମହେନ୍ଦ୍ର ସାମନ୍ତସିଂହାର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ । ପଞ୍ଚାୟତ କୃଷି ଅଧିକାରୀ ସଞ୍ଜୟ କୁମାର ବାରିକ




ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ପଞ୍ଜିକୃତ ୧୩ ଜଣ ଚାଷୀଙ୍କ ସହଯୋଗରେ ଧାନ ମଣ୍ଡିରେ ପ୍ରଦାନ କରିଥିଲେ । ଏକେ ଉଦୟ ରାଇସ ମିଲର ଚାଷୀଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୁଲ୍ୟରେ ୪ ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ । ସେହିପରି ଓହଳ ସେବା ସମବାୟ ସମିତିରେ ମଧ ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି । ସେବା ସମବାୟ ସମିତିର ପରିଚାଳନା କମିଟିର ସଭାପତି ହରେକୃଷ୍ଣ ପରିଡ଼ା, ସମ୍ପାଦକ ସାଗର ଚନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ନାୟକ, ପ୍ରତ୍ୟୁଷ କୁମାର ଜେନା, ସଭ୍ୟ କାଳୁ ପରିଡ଼ା ପଞ୍ଚାୟତ କୃଷି ଅଧିକାରୀ ମାମିନା ଦାଶ ପ୍ରମୁଖ ଉପସ୍ଥିତ ରହି ପଞ୍ଜିକୃତ ଚାଷୀମାନଙ୍କ ଠାରୁ ୫ ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା ।

# ଧରମପୁର 'ମା' ତାରେଣୀ ମନ୍ଦିରରେ ନୀତିକାନ୍ତିରେ ବିଭ୍ରାଟ, ଭକ୍ତ ମହଲରେ ଅସନ୍ତୋଷ

ଦେବଗଡ,୧୭।୧ (ନି.ପ୍ର): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଧରମପୁର' ମା ' ତାରେଣୀ ମନ୍ଦିରରେ ପୂଜକ ଥାଇ ମଧ ନ ଥିଲା ପରି, ପୂର୍ବରୁ ଦୁଇଜଣ ପୂଜକଙ୍କୁ ପୂଜା କମିଟି ହଟାଇ ଦେବା ପରେ, ନୂତନ ପୂଜକଙ୍କୁ ଆଣିବାର ତିନିମାସ ବିତିଯାଇଥିଲେ ମଧ, ପୂଜକଙ୍କ ଅର୍ଦ୍ଧପାଗଳାମି ତଥା ମନ୍ଦିର ପରିସର ଓ ମାଆଙ୍କ ଗର୍ଭଗୃହକୁ ଅତ୍ୟନ୍ତ ଅପରିଷ୍କାର ଦେଖିବାକୁ ମିଳୁଛି । ଏହାଦ୍ୱାରା ଭକ୍ତଙ୍କ ମନରେ ବେଶ୍ ଆଘାତ ଲାଗିଛି । ଠିକ୍ ସମୟ ଓ ସୁଚାରୁରୂପେ ଭୋଗ ଏବଂ ନୀତିକାନ୍ତିରେ ଘୋର ଅବ୍ୟବସ୍ଥା ଦେଖାଯାଇଛି । ତୁରନ୍ତ ମନ୍ଦିର ପରିଚାଳନା କମିଟି ଏଥିପ୍ରତି ଦୃଷ୍ଟି ଦେବା ସହ ପୂର୍ବରୁ ଥିବା ପୂଜକଙ୍କୁ ନିଯୁକ୍ତି ଦେଲେ ଭଲ ହୁଅନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି । ପୂର୍ବରୁ ଥିବା ପୂଜକଙ୍କ ଦୋଷ କ୍ଷମା କରି ମନ୍ଦିର କାର୍ଯ୍ୟ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଉ, ଯଦି ମନ୍ଦିର କମିଟି ଏପରି ନ କରନ୍ତି, ତା ହେଲେ ଯୋଗ୍ୟ ପୂଜକଙ୍କୁ ନିଯୁକ୍ତି ଦେବାକୁ ଭକ୍ତ ମହଲରେ ଦାବି ହେଉଛି । ଯଦି ମନ୍ଦିର ପରିଚାଳନା କମିଟି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ମାଆଙ୍କ ନୀତିକାନ୍ତି ତଥା ମନ୍ଦିର ପରିସର ଓ ଗର୍ଭଗୃହ କିପରି ପରିଷ୍କାର ପରିଚ୍ଛନ୍ନ ରହିବ ଦୃଷ୍ଟି ଦେବାକୁ ଭକ୍ତ ମହଲରେ ଦାବି ହେଉଛି ।

# ଉନ୍ମୋଚିତ ହେଲା 'ସପ୍ତତୀର୍ଥ କଳାହାଣ୍ଡି'

ଭବାନୀପାଟଣା, ୧୭।୧ (ନି.ପ୍ର)- କଳାହାଣ୍ଡି ଉଚ୍ଚକାଂକ୍ଷୀ ଜିଲ୍ଲା ଏବଂ ସେଦିନ ଆଉ ଡେରି ନାହିଁ, ଖୁବଶୀଘ୍ର ଏ ଜିଲ୍ଲାର ସୁଦିନ ଫେରି ଆସିବ ବୋଲି ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ସ୍ଥାନୀୟ ଟାଉନହଲଠାରେ ଆୟୋଜିତ '୭୫ ବର୍ଷରେ କଳାହାଣ୍ଡି' ଶୀର୍ଷକ ଏକ ସଂପାନରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସଂପାନ ଉପ ସମିତିର ଅଧକ୍ଷା ତଥା ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୌଦ୍ଧିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ସଦର ବ୍ଲକ ବିଡିଓ ଚନ୍ଦନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, କଳା ଓ ସଂସ୍କୃତି ଗବେଷକ ଡ. ପରମେଶ୍ୱର ମୁଣ୍ଡ, ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଐତିହାସିକ ଡ. ନଳିନୀକାନ୍ତ ରଣା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ବିଶିଷ୍ଟ ପନିପରିବା ଚାଷୀ କୃଷ୍ଣ ନାଗ, ମାଛଚାଷୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ଚାଷୀ ବ୍ରଜେନ୍ଦ୍ର କୁମାର ପଟଯୋଶୀ ପ୍ରମୁଖ ଜିଲ୍ଲାର କଳା, ସଂସ୍କୃତି ଓ ଇତିହାସ ତଥା ଲୋକ ପରମ୍ପରା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ସଂପାନ ଉପସମିତିର ଆବାହକ ପ୍ରତାପ ଚନ୍ଦ୍ର ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଉପ ସମିତିର ସହ ଅଧକ୍ଷ ସୀମାଞ୍ଚଳ ମିଶ୍ର ଶେଷ ବକ୍ତବ୍ୟ ଦେଇଥିବାବେଳେ ଉମେଶ ଚନ୍ଦ୍ର ଶତପଥି ମଞ୍ଚ ସଂଚାଳନ ଓ ଦୀନବନ୍ଧୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ସଦସ୍ୟ ସୁଢଳଦେବ ମୁଣ୍ଡଙ୍କ ସହିତ ଶେଷଦେବ ମିଶ୍ର, ନିରଞ୍ଜନ ଯୋଶୀ, ଅଶୋକ ମୁଣ୍ଡ, ଭାଗବତ ମହାପାତ୍ର, ପ୍ରତାପ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଡା. ନିହାରେନ୍ଦ୍ର ପଣ୍ଡାଙ୍କ ଲିଖିତ 'ସପ୍ତତୀର୍ଥ କଳାହାଣ୍ଡି' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ ଭାଷାବିତ ସୁଦର୍ଶନ ଦାସ ।

# ଚିଲିକାରେ ଜାନୁଆରି ୧୮ରେ ପକ୍ଷୀ ଗଣନା ଓ ୨୦ରେ ଡଲଫିନ ଗଣନା

ବାଲୁଗାଁ,୧୭।୧ (ନିପ୍ର): ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ଚିଲିକାରେ ପକ୍ଷୀ ଓ ଡ଼ଲଫିନ ଗଣନା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବନ୍ୟପ୍ରାଣୀ ବିଭାଗ ଡିଏଫଓ ଅମ୍ଳାନ ନାୟକ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପକ୍ଷୀ ଓ ଡ଼ଲଫିନ ଗଣନା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ଜାନୁଆରୀ ୧୭ତାରିଖ ପୂର୍ବାହ୍ନ ୧୦ଟା ସମୟରେ ଚିଲିକା ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଠାରେ ପକ୍ଷୀ ଗଣନା ପାଇଁ ନିୟୋଜିତ ହୋଇଥିବା ୧୩୦ଜଣଙ୍କୁ ତାଲିମ ଦିଆଯିବା ପରେ ଆସନ୍ତା ୧୮ତାରିଖ ଭୋର ୫ଟାରୁ ପକ୍ଷୀ ଗଣନା ପାଇଁ ତାଲିମ ପାଇଥିବା ୧୩୦ଜଣ ୨୧ଟି ଗ୍ରୁପରେ ବିଭକ୍ତ ହୋଇ ଚିଲିକା ମଧ୍ୟରେ ବୋଟ ଦ୍ୱାରା ଯାଇ ଥିବା ବେଳେ ସହିତ ସାଙ୍ଗରେ ବାଇନାକୁଲର ଓ ୱାକିଟକି ମାଧ୍ୟମରେ ଗଣନା କାର୍ଯ୍ୟ କରିବେ ବୋଲି ଡିଏଫଓ ଶ୍ରୀ ନାୟକ ଜଣାଇଥିଲେ । ପ୍ରତ୍ୟେକ ଦଳରେ ପକ୍ଷୀଙ୍କ ସମ୍ପର୍କରେ ଅଭିଜ୍ଞତା ଥିବା ଜଣେ ଟିମ ଲିଡ଼ରଙ୍କ ସହାୟତାରେ ପକ୍ଷୀ ଗଣନା ଶେଷ କରି ମଧ୍ୟାହ୍ନ ୩ଟା ସୁଦ୍ଧା ଚିଲିକା ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଠାରେ ପହଞ୍ଚି ନିଜର ତଥ୍ୟ ପ୍ରଦାନ କରିବେ । ପକ୍ଷୀ ବିଶେଷଜ୍ଞ ,ଗବେଷକମାନଙ୍କ ଉପସ୍ଥିତିରେ ଫଳାଫଳ ଘୋଷଣା କରାଯିବ ବୋଲି ଡିଏଫଓ ଶ୍ରୀ ନାୟକ କହିଛନ୍ତି । ସେହିପରି ଡ଼ଲଫିନ ଗଣନା କାର୍ଯ୍ୟ ଆସନ୍ତା ୨୦ତାରିଖରେ ହେବାକୁ ଥିବା ବେଳେ ତାପୂର୍ବ ଦିନ ୧୯ତାରିଖରେ ତାଲିମ ଦିଆଯିବ । ୧୪୫ ସଦସ୍ୟଙ୍କୁ ତାଲିମ ଦିଆଯିବା ପରେ ୨୦ତାରିଖରେ ଗଣନା କରାଯିବ ବୋଲି ଜଣାପଡିଛି । ୨୦୨୩/୨୪ବର୍ଷରେ ସମଗ୍ର ଚିଲିକାରେ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ହଜାର ୭୫୯ଟି ପକ୍ଷୀ ଦୃଶ୍ୟମାନ ହୋଇଥିଲା ବେଳେ ପକ୍ଷୀ ଅଭୟାରଣ୍ୟ ନଳବଣରେ ୩ଲକ୍ଷ ୪୭ହଜାର୨୮୦ଟି ଦେଶି ଓ ବିଦେଶୀ ପକ୍ଷୀ ଥିବା ଜଣାପଡି ଥିଲା । ଚଳିତ ବର୍ଷ ପାଣିପାଗ ଠିକ ଥିବାରୁ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଭାଗୀୟ ଅଧିକାରୀମାନେ ଆଶାବାଦୀ ଅଛନ୍ତି ।

# ମନ୍ଦିର ଓ ନାଳ ସମ୍ପ୍ରସାରଣ ନାମରେ ରମ୍ଭା ପାତ୍ର ସାହି ପାର୍ଶ୍ୱ କେବିନ ଉଚ୍ଛେଦ

ରମ୍ଭା,୧୭।୧ (ନିପ୍ର): ସରକାରୀ ଜାଗାରେ ଜବର ଦଖଲ, ଶ୍ମଶାନରେ ଜାଗା ତ୍ରିକୋଣ ସାହିକୁ ସଂକୁଚିତ ରାସ୍ତା ସହିତ ଅନେକ ସମସ୍ୟାକୁ ନେଇ ରମ୍ଭା ଶ୍ରୀଜଗନ୍ନାଥ ମନ୍ଦିର ଓ ପାତ୍ର ସାହିକୁ ଯାତାୟାତରେ ବ୍ୟାହତ ହୋଇଥିବା ହେତୁ ରାସ୍ତା ସମ୍ପ୍ରସାରଣ ପାଇଁ ଛକରେ ୩ଟି ଚା କେବିନକୁ ଜବରଦଖଲ ଉଚ୍ଛେଦ କରାଯାଇଛି । କାର୍ଯ୍ୟକ୍ରମ ଉଚ୍ଛେଦ ପୂର୍ବରୁ ପ୍ରଶାସନ ଓ ପେଟପାଟଣା ପାଇଁ ବଞ୍ଚୁଥିବା ହିତାଧିକାରୀ ମଧ୍ୟରେ ଆକ୍ଷେପ ଓ ପ୍ରତ୍ୟାରୋପ କିଛି ସମୟ ପାଇଁ ହୋଇଥିଲା କାରଣ ଏହି ସାହି ଛକ ଏକ ଜନ ଗହଳି ପୂର୍ଣ୍ଣ ହୋଇଥିବାରୁ ଏବଂ ନିକଟରେ ଦୁର୍ଗା ମଣ୍ଡପ ଥିବା ଯୋଗୁଁ ଗାଡି ମଟର ଏବଂ ମନ୍ଦିର ଯାତାୟାତରେ ବ୍ୟାହତ ସୃଷ୍ଟି ହେଉଥିବା ହେତୁ ନୋଟିସ କରାଯାଇଥିଲା । ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ(ମାଜିଷ୍ଟ୍ରେଟ)ରହି , ରମ୍ଭା ଥାନା ଅଧିକାରୀ ସତ୍ୟବ୍ରତ ଭୁଡିଆ, ଏନ. ଏ. ସି. କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଜବରଦଖଲ ଉଚ୍ଛେଦ ହୋଇଥିଲା । ଏକ ପ୍ଲାଟୁନ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଭାବେ ଜେସିବି ଏବଂ ଟ୍ରାକ୍ଟର ଦ୍ୱାରା ୩ଟି ଚା ଦୋକାନକୁ ସ୍ଥାନାନ୍ତର କରାଯାଇଥିଲା ।

# 'ଚାଷୀ ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣନ୍ତୁ, ମିଲରଙ୍କ ମନମାନିକୁ ପ୍ରଶ୍ରୟ ଦିଆଯିବ ନାହିଁ'

ଭଦ୍ରକ,୧୭।୧ (ନିପ୍ର): ଓଡ଼ିଶା ସରକାରଙ୍କ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଭଦ୍ରକ ଜିଲ୍ଲା ପ୍ରଶାସନର ଧାନ ସଂଗ୍ରହ କାର୍ଯ୍ୟ ପରିଚାଳନାର ସମୀକ୍ଷା କରିଥିଲେ । ସେ ଭଦ୍ରକରେ ପହଞ୍ଚି ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକ୍‌ର ଆଦମପୁରର ଶକ୍ତି ସ୍ୱରୂପା ଏସ୍.ଏଚ୍.ଜି ଧାନକ୍ରୟ କେନ୍ଦ୍ର, ଭଦ୍ରକ ବ୍ଲକ୍‌ର ବହୁଦରଡ଼ାର ଶ୍ରୀରାମ ପାକ୍ସ ଓ ଅର୍ଣ୍ଣପାଳ ପାକ୍ସ, ତିନିଟି ଧାନମଣ୍ଡିକୁ ଯାଇ ସରକାରୀ ଦରରେ ଧାନକ୍ରୟ ବ୍ୟବସ୍ଥାର ତଦାରଖ କରିଥିଲେ । କଟନୀଛଟନୀ ନେଇ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ଓ ଚାଷୀମାନଙ୍କ ଅଭିଯୋଗ ଶୁଣି ଏଫ୍.ଏ.କ୍ୟୁ ମାନର ଧାନ ବିକ୍ରୟ ପାଇଁ ମଣ୍ଡିକୁ ଆଣିବାକୁ ପରାମର୍ଶ ପ୍ରଦାନ କରିଥିଲେ । ଅଣ ଏଫ୍.ଏ.କ୍ୟୁ ଧାନ ଗ୍ରହଣ କରାଯିବ ନାହିଁ, ମଣ୍ଡିରୁ ଫେରାଇ ଦିଆଯିବ ବୋଲି କହିଥିଲେ । ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲୀପ୍ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତରେ କ୍ଷେତ୍ର ସ୍ତରରେ ଉପସ୍ଥିତ ଥିଲେ । କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଭଦ୍ରକଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମଧ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସରକାରୀ ଦରରେ ଧାନକ୍ରୟ ପାଇଁ ପ୍ରସ୍ତୁତି, ପରିଚାଳନା, ସଚେତନତା, ଅଦ୍ୟାବଧି ଧନକ୍ରୟ ପରିମାଣ, ଉପୁଜୁଥିବା ସମସ୍ୟା ସମାଧାନରେ ଜିଲ୍ଲା ପ୍ରଶାସନର ସହଯୋଗ ଆଦି ସମ୍ବନ୍ଧରେ ଦୃଶ୍ୟ ଫଳକ ଜରିଆରେ ଉପଜିଲ୍ଲାପାଳ ଉପସ୍ଥାପନ କରିଥିଲେ । ଧାନ କିଣାରେ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଥମଥର ପାଇଁ ସରକାର କ୍ଷତି ପୂରଣ ପ୍ରଦାନ କରିଛନ୍ତି । କ୍ଷତିଗ୍ରସ୍ତ ସେହି ଫସଲର ଉତ୍ତମ ମାନ ନଥିବା ଧାନ ମଣ୍ଡିକୁ ନ ଆଣିବା ପାଇଁ ସେ ପ୍ରକାଶ କରିଥିଲେ । ଧାନ କିଣାରେ ମିଲରମାନଙ୍କ ମନମାନିକୁ ମଧ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଥିଲେ ।ମଣ୍ଡିରୁ ଧାନ ଉଠାଇବାରେ ସହଯୋଗ କରୁନଥିବା ମିଲର ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରି ଆବଶ୍ୟକ ହେଲେ ଜିଲ୍ଲା ବାହାରୁ ମିଲର୍ ନିୟୋଜିତ କରାଯିବ ବୋଲି ପ୍ରକାଶ କରିଥିଲେ । କଟନୀ ଛଟନୀ କୁ ସୁଯୋଗ ନଦେଇ ଖରାପ ଥିବା ଧାନକୁ ମଣ୍ଡିରୁ ଫେରାଇ ଦେବା ପାଇଁ



କହିଥିଲେ । ଭଲଧାନ ନ ହେଲେ ଭଲ ଚାଉଳ ମିଳିବ ନାହିଁ । ଭଲ ଚାଉଳ ନ ହେଲେ, ଏଫ୍.ସି.ଆଇ. ତାହା ଗ୍ରହଣ କରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ । ଚାଷୀମାନେ ଯେପରି ଅସୁବିଧାରେ ନ ପଡ଼ନ୍ତି ସୁସଙ୍ଗଠିତ ଢଙ୍ଗରେ ସରକାରୀ ମଣ୍ଡି ଜରିଆରେ ମିଲରମାନଙ୍କ ଦ୍ୱାରା ସେମାନଙ୍କ ଠାରୁ ଉତ୍ତମ ମାନର ଧାନ ସଂଗ୍ରହ କରାଯିବା ଦିଗରେ ନିୟୋଜିତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଅଧିକ ଯତ୍ନବାନ୍ ହେବାକୁ ମଧ ମନ୍ତ୍ରୀ ବୈଠକରେ ପରାମର୍ଶ ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟକି ଅଦ୍ୟାବଧି ଜିଲ୍ଲା ପ୍ରଶାସନ ଦ୍ୱାରା ସମୁଦାୟ ୧,୦୦,୧୭୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି ।

# ସୈଫଙ୍କୁ ଛୁରାମାଡ଼ ଘଟଣା ସନ୍ଦିଗ୍ଧ ଯୁବକ ଗିରଫ



ମୁମ୍ବାଇ, ୧୭।୧: ଅଭିନେତା ସୈଫ ଅଲ୍ଲି ଖାନ୍‌ଙ୍କୁ ଛୁରାମାଡ଼ ଘଟଣାରେ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରାଯାଇଛି। ସନ୍ଦିଗ୍ଧ ଯୁବକକୁ ମୁମ୍ବାଇ ପୋଲିସର ସ୍ପେଶାଲ ଟିମ ଗିରଫ କରିଛି। ମୁମ୍ବାଇ ବାନ୍ଦ୍ରା ସ୍ଥିତ ଘରେ ପଶି ସୈଫଙ୍କୁ ସନ୍ଦିଗ୍ଧ ଯୁବକ ଜଣଙ୍କ ଛୁରାମାଡ଼ କରିଥିଲେ। ବୁଧବାର ରାତି ୨ଟା ୧୫ରେ ଜଣେ ବ୍ୟକ୍ତି ବାନ୍ଦ୍ରାରେ ଥିବା 'ସଦ୍‌ଗୁରୁ ଶରଣ' ବିଲ୍ଡିଂର ସୈଫ୍ ପରିବାର ସହ ରହୁଥିବା ଫ୍ଲାଟକୁ ଅନୁପ୍ରବେଶକରି ୬ ଥର ଛୁରାମାଡ଼ କରିଛନ୍ତି। ଏହି ଅତର୍କିତ ଆକ୍ରମଣରେ ସୈଫ୍‌ଙ୍କ ବେକ, ହାତ ଓ ମେରୁଦଣ୍ଡ ଉପରଭାଗରେ ଗଭୀର ଆଘାତ ଲାଗିଛି। ତେବେ ଲୀଲାବତୀ ହସ୍ପିଟାଲରେ ଜରୁରୀ ଅସ୍ତ୍ରୋପଚାର ପରେ ୫୪ ବର୍ଷୀୟ ଅଭିନେତା ବିପଦମୁକ୍ତ ଥିବା ଡାକ୍ତରୀ ଟିମ୍ ସୂଚନା ଦେଇଛି। ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ଆକ୍ରମଣ ପରେ, ମୁମ୍ବାଇ ପୁଲିସ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ ସରକାରଙ୍କୁ ସମାଲୋଚନା କରାଯାଇଛି । ବିରୋଧୀ ଦଳଗୁଡ଼ିକ ମହାରାଷ୍ଟ୍ରର ଫଡନାଭିସ ସରକାର ଉପରେ ଆଇନ ଶୃଙ୍ଖଳା ପରିସ୍ଥିତି ଭଙ୍ଗ କରିବାର ଅଭିଯୋଗ ଆଣିଛନ୍ତି । ସୈଫଙ୍କ ଘର ଏତେ କଡା ସୁରକ୍ଷା ଭିତରେ ଥାଇ ଯଦି ଏଭଳି ଘଟଣା ହେଉଛଛି ତେବେ ସାଧାରଣ ଜନତା ହୁଅନ୍ତୁ ବା ଅନ୍ୟ ସିନେ ତାରକା କେତେ ସୁରକ୍ଷିତ ?

# ସଡ଼କ ଦୁର୍ଘଟଣାରେ ୯ ମୃତ

ପୁଣେ ୧୭/୧: ମହାରାଷ୍ଟ୍ରର ପୁଣେର ନାରାୟଣଗାଁଓ ଅଞ୍ଚଳରୁ ଏକ ଭୟଙ୍କର ଦୁର୍ଘଟଣା । ସଡ଼କ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିଲା । ଏକ ଟ୍ରକ୍ ପଛରୁ ଏକ କାରକୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା । ଟ୍ରକଟି ଜୋରରେ ଧକ୍କା ଦେବା ପରେ, କାରଟି ଏକ ବସ୍ ସହିତ ଧକ୍କା ହୋଇଥିଲା । ସଡ଼କ ଦୁର୍ଘଟଣା ପୁଣେ ନାସିକ୍ ରାଜପଥରେ ଘଟିଛି । ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ନାରାୟଣଗାଁ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରକୃତରେ, ଏକ ଅଟୋ ପଛରୁ ଯାତ୍ରୀମାନଙ୍କୁ ନେଇଯାଉଥିବା ଅନ୍ୟ ଏକ ଗାଡିକୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଅଟୋ ବଲ୍ ପରି ଉଡ଼ି ଏକ ବସ୍ ସହିତ ଧକ୍କା ହେଲା। ମର୍ମନ୍ତୁଦ ଦୁର୍ଘଟଣାରେ, ଚାରି ଜଣ ମହିଳା, ଚାରି ଜଣ ପୁରୁଷ ଏବଂ ଜଣେ ଶିଶୁଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଅନ୍ୟ ତିନି ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଣେ ପ୍ରଶାସନ କହିଛି ଯେ ଆହତମାନଙ୍କ ମଧ୍ୟରୁ କିଛିଙ୍କ ଅବସ୍ଥା ଗୁରୁତର । ଆଗକୁ ମୃତ୍ୟୁସଂଖ୍ୟା ବି ବଢିବାର ସମ୍ଭାବନା ରହିଛି। ସୂଚନାଥାଉକି, ବିଧାୟକ ଶରଦ ସୋନାୱାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ସମୀକ୍ଷା କରିଛନ୍ତି ।

# ତ୍ରିପୁରାରେ ୧୦୦ ପ୍ରତିଶତ ବଢିଲା ମନ୍ତ୍ରୀ ବିଧାୟକଙ୍କ ଦରମା

ଅଗରତାଲା, ୧୭।୧: ତ୍ରିପୁରା ବିଧାନସଭା ଏହାର ବିଧାୟକ ଏବଂ ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ପାଇଁ ଏକ ବିଲ ପାସ୍ କରିଛି। ଏହି ବୃଦ୍ଧି ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦରମା ୮୧ ରୁ ୯୨% ବୃଦ୍ଧି ପାଇବ। ଏହା ସହିତ, ସମସ୍ତ ବିଧାୟକ ଏବେ କେବଳ ଗୋଟିଏ ଦିନ ପାଇଁ ଗୃହର ସଦସ୍ୟତା ଗ୍ରହଣ କରିଥିଲେ ମଧ୍ୟ ପେନସନ ସମେତ ସମସ୍ତ ଅବସରକାଳୀନ ସୁବିଧା ପାଇବେ। ଏହି ବିଲ କୌଣସି ବିରୋଧ ବିନା ଗୃହୀତ ହୋଇଥିଲା। ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ବିରୋଧୀ ଦଳ ନେତା (ଏଲଓପି), ସରକାରୀ ମୁଖ୍ୟ ସଚେତକ ଏବଂ ବିଧାନସଭା ସଦସ୍ୟଙ୍କ ଦରମା, ଭତ୍ତା, ପେନସନ ଏବଂ ଅନ୍ୟାନ୍ୟ ସୁବିଧା ସହିତ ଜଡିତ ନବମ ସଂଶୋଧନ ବିଲ କୌଣସି ଦଳର ବିରୋଧ ବିନା ଗୃହୀତ ହୋଇଥିଲା। ବିଲ ଅନୁଯାୟୀ, ଯଦି ଜଣେ ବିଧାୟକ କେବଳ ଗୋଟିଏ ଦିନ ପାଇଁ ଗୃହର ସଦସ୍ୟ ହୋଇଥାନ୍ତି, ତେବେ ତାଙ୍କୁ ସମସ୍ତ ଅବସରକାଳୀନ ସୁବିଧା ମିଳିବ। ଏହି ବିଲରେ ମୁଖ୍ୟମନ୍ତ୍ରୀଙ୍କ ଦରମା ୯୭,୦୦୦ ଟଙ୍କା, ଉପମୁଖ୍ୟମନ୍ତ୍ରୀଙ୍କ ଦରମା ୯୬,୦୦୦ ଟଙ୍କା, ମନ୍ତ୍ରୀ, ବାଚସ୍ପତି, ବିରୋଧୀ ଦଳ ନେତା ଏବଂ ମୁଖ୍ୟ ସଚେତକଙ୍କ ଦରମା ୯୫,୦୦୦ ଟଙ୍କା, ଉପବାଚସ୍ପତିଙ୍କ ଦରମା ୯୪,୦୦୦ ଟଙ୍କା ଏବଂ ବିଧାୟକଙ୍କ ଦରମା ୯୩,୦୦୦ ଟଙ୍କାକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି। ମନ୍ତ୍ରୀ ଏବଂ ବିଧାୟକମାନଙ୍କ ଦରମା ଏବଂ ପେନସନ ଶେଷ ଥର ପାଇଁ ୨୦୧୯ରେ ବୃଦ୍ଧି କରାଯାଇଥିଲା।

# ଅଲଗା ହେବେ ଓବାମା ଦମ୍ପତି !

ୱାଶିଂଟନ୍, ୧୭।୧: ଆମେରିକାରୁ ଆସୁଛି ବଡ଼ ଖବର। ପୂର୍ବତନ ରାଷ୍ଟ୍ରପତିଙ୍କ ହୋଇପାରେ ଛାଡପତ୍ର ! ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ତାଙ୍କ ସ୍ତ୍ରୀ ମିଶେଲ ଓବାମାଙ୍କ ମଧ୍ୟରେ ଛାଡପତ୍ର ନେଇ ଜୋରଦାର ଚର୍ଚ୍ଚା ହେଉଛି। ଏପରିକି ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ନାହିଁ, ଫଳରେ ଦୁହେଁ ଛାଡପତ୍ର ନେଉଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସୂଚନା ଅନୁଯାୟୀ, ବାରାକ ଏବଂ ମିଶେଲ ଓବାମାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ଯୋଗଦେବେ। ଯଦିଓ ମିଶେଲ ଓବାମା ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହା କେବଳ ଗୋଟିଏ ଘଟଣା ନୁହେଁ ପୂର୍ବରୁ ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଜିମି କାର୍ଟରଙ୍କ ଅନ୍ତିମ ସଂସ୍କାରରେ ବାରାକ ଓବାମାଙ୍କୁ ମଧ୍ୟ ଏକୁଟିଆ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହରେ ସାଧାରଣତଃ ପୂର୍ବତନ ରାଷ୍ଟ୍ରପତି ଏବଂ ତାଙ୍କ ସ୍ତ୍ରୀ ଯୋଗ ଦେଇଥାନ୍ତି। କିନ୍ତୁ ଏହି ସମାରୋହରେ ଓବାମାଙ୍କ ସହ ତାଙ୍କ ସ୍ତ୍ରୀ ନଜର ନ ଆସିବା ନେଇ କିଛି ଅଲଗା ସନ୍ଦେହ କରାଯାଉଛି। ଏହି ଖବର ଜଣାପଡିବା ପରେ ସୋସିଆଲ ମିଡିଆରେ ଦୁହିଁଙ୍କ ଛାଡପତ୍ର ବିଷୟରେ ଆଲୋଚନା ଆରମ୍ଭ ହୋଇଯାଇଛି। ତେବେ ଏନେଇ ଓବାମା ପରିବାର ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଆସିନାହିଁ। ପ୍ରକୃତ କଥା ହେଉଛି, ବାରାକ ଏବଂ ମିଶେଲ ଓବାମା ଉଭୟ ସେମାନଙ୍କ ସମ୍ପର୍କରେ ଥିବା ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ଖୋଲାଖୋଲି ଭାବରେ କହିଛନ୍ତି। ତାଙ୍କ ସଂସ୍କରଣ "ଏ ପ୍ରମିଜ୍ଡ ଲ୍ୟାଣ୍ଡ"ରେ, ବାରାକ ତାଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଦୁହିଁଙ୍କ ମଧ୍ୟରେ ହୋଇଥିବା ବିବାଦକୁ ସ୍ୱୀକାର କରିଛନ୍ତି। ସେହିପରି ବାରାକଙ୍କ ସ୍ତ୍ରୀ ଏକ ପୋଡକାଷ୍ଟରେ କହିଥିଲେ ଯେ, ଏପରି ସମୟ ଥିଲା ଯେତେବେଳେ ମୁଁ ବାରାକଙ୍କୁ ଝରକା ବାହାରକୁ ଠେଲି ଦେବାକୁ ଚାହୁଁଥିଲି।

# 'ରୁଷ ସେନାରେ ଥିବା ୧୨ ଭାରତୀୟ ମୃତ, ୧୬ ନିଖୋଜ'




ନୂଆଦିଲ୍ଲୀ, ୧୭।୧: ୟୁକ୍ରେନ ସହ ରୁଷ ତରଫରୁ ଲଢି ୧୨ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ୧୬ ଭାରତୀୟ ନିଖୋଜ ଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର କହିଛି । ରୁଷ ସେନାରେ ଜୋର ଜବରଦସ୍ତି ସାମିଲ କରିବା ଏବଂ ଭାରତୀୟ ନାଗରିକଙ୍କ ମୃତ୍ୟୁ ଖବର ପରେ ବିଦେଶ ମନ୍ତ୍ରଣାଳୟ ଏହି ପ୍ରସଙ୍ଗକୁ ରୁଷ ଆଗରେ ଗୁରୁତ୍ୱର ସହ ଉଠାଇଥିଲା । ଏହାସହ ରୁଷ ସେନାରେ ଥିବା ସବୁ ଭାରତୀୟ ନାଗରିକଙ୍କୁ ଶୀଘ୍ର ମୁକ୍ତ କରିବା ପାଇଁ କହିଥିଲା । ଉଲ୍ଲେଖଯୋଗ୍ୟ ଯେ ଗତ ସପ୍ତାହରେ ୟୁକ୍ରେନ ଯୁଦ୍ଧରେ ରୁଷ ପଟୁ ଲଢୁଥିବା ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ଜଣେ ଭାରତୀୟ ନାଗରିକ ଆହତ ହୋଇ ମସ୍କୋ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି, ସୂଚନା ଅନୁସାରେ ରୁଷ ସେନାରେ ୧୨୬ ଜଣ ଭାରତୀୟ ଥିଲେ, ଯେଉଁଥିରୁ ୯୬ ଜଣ ଭାରତ ଫେରିଆସିଛନ୍ତି । ସେମାନଙ୍କୁ ରୁଷ ସେନାରୁ ମୁକ୍ତ କରାଯାଇଛି । ଏବେ ବି ୧୮ ଜଣ ଭାରତୀୟ ରୁଷ ସେନାରେ ଅଛନ୍ତି ଏବଂ ୧୬ ଜଣଙ୍କ ବାବଦରେ କୌଣସି ସୂଚନା ମିଳି ପାରି ନାହିଁ । ନିଖୋଜ ଭାରତୀୟଙ୍କୁ ସନ୍ଧାନ କରିବା ପାଇଁ କୁହାଯାଇଛି । ୟୁକ୍ରେନ ସହ ଲଢେଇରେ ପ୍ରାଣ ହରାଇଥିବା କେରଳର ବିନିଲ ବାବୁଙ୍କ ପରିବାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସମବେଦନା ଜଣାଇଛି । ବିଦେଶ ମନ୍ତ୍ରଣାଳୟ କହିଛି ଯେ ପାର୍ଥିବ ଶରୀର ସ୍ୱଦେଶ ଫେରାଇ ଆଣିବା ପାଇଁ ରୁଷରେ ଭାରତୀୟ ଦୂତାବାସ ସ୍ଥାନୀୟ ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ଅଛି । ସେହିପରି ଆହତ ଜୈନ ଟିକେ ସୁସ୍ଥ ହେବା ପରେ ଭାରତ ଆସିପାରିବେ ବୋଲି ମନ୍ତ୍ରଣାଳୟ କହିଛି ।

## ଦିଲ୍ଲୀ ପାଇଁ ବିଜେପିର ସଂକଳ୍ପ ପତ୍ର

# ମହିଳାଙ୍କୁ ପ୍ରତିମାସରେ ୨୫୦୦ ଟଙ୍କା




ନୂଆଦିଲ୍ଲୀ, ୧୭।୧: ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ନିଜ ସଂକଳ୍ପ ପତ୍ରର ପ୍ରଥମ ଭାଗ ଜାରି କରିଛି । ଘୋଷଣା ପତ୍ରରେ ଦିଲ୍ଲୀବାସୀଙ୍କ ପାଇଁ ଅନେକ ବଡ଼ ପ୍ରତିଶ୍ରୁତି ଦେଇଛି ଏବଂ ଆଗକୁ ଆହୁରି ଘୋଷଣା ହେବ ବୋଲି ଦଳ କହିଛି । ସଂକଳ୍ପ ପତ୍ରର ପ୍ରଥମ ଭାଗରେ ବିଜେପି ମହିଳାଙ୍କ ଉପରେ ଅଧିକ ଫୋକସ ଦେଇଛି । ବିଜେପି କହିଛି ଯେ ଦିଲ୍ଲୀରେ ସରକାର ଗଠନ ହେବା ପରେ ମହିଳାଙ୍କୁ ପ୍ରତିମାସରେ ୨୫୦୦ ଟଙ୍କା ଦିଆଯିବ । ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ସଂକଳ୍ପ ପତ୍ର ଜାରି କରି କହିଛନ୍ତି ଯେ କ୍ୟାବିନେଟର ପ୍ରଥମ ବୈଠକରେ ମହିଳା ସମୃଦ୍ଧ ଯୋଜନାକୁ ଅନୁମୋଦନ ଦିଆଯିବ । ଏହା ବ୍ୟତୀତ ଶସ୍ତାରେ ସିଲିଣ୍ଡର ଦେବା ପାଇଁ ଦଳ ପ୍ରତିଶ୍ରୁତି ଦେଇଛି । ଏହାସହ ବର୍ତ୍ତମାନ ସରକାରଙ୍କ ଯୋଜନାକୁ ବନ୍ଦ କରାଯିବନି ବୋଲି ବିଜେପି ସ୍ପଷ୍ଟ କରିଛି। ତେବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କହିଛନ୍ତି ଯେ ଗରିବ ପରିବାରଙ୍କୁ ଏଲପିଜି ସିଲିଣ୍ଡର ଉପରେ ରିହାତି ଦିଆଯିବ । ୫୦୦ ଟଙ୍କାରେ ସିଲିଣ୍ଡର ଦିଆଯିବ । ହୋଲି ଏବଂ ଦୀପାବଳିରେ ବର୍ଷକୁ ଦୁଇଟି ସିଲିଣ୍ଡର ମାଗଣାରେ ଦିଆଯିବ । ଜେପି ନଡ୍ଡା କହିଛନ୍ତି ଯେ ମାତୃ ସୁରକ୍ଷା ଯୋଜନାକୁ ଅଧିକ ମଜଭୁତ କରିବା ପାଇଁ ପୁଷ୍ଟିକର କିଟ୍ ଦିଆଯିବ । ସବୁ ଗର୍ଭବତୀଙ୍କୁ ୨୧ ହଜାର ଟଙ୍କାର ଦିଆଯିବ। ବିଜେପି ଅଧ୍ୟକ୍ଷ କହିଛନ୍ତି ଯେ ଦିଲ୍ଲୀରେ ବିଜେପି ସରକାର ଗଠନ ହେବା ପରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ଲାଗୁ କରାଯିବ । ଆୟୁଷ୍ମାନ ଯୋଜନାକୁ ପ୍ରଥମ କ୍ୟାବିନେଟ୍ ବୈଠକରେ ହିଁ ଲାଗୁ କରାଯିବ । ଏଥିରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କାର ଅତିରିକ୍ତ କଭର୍ ଦିଆଯିବ । ଯାହାର ଲାଭ ୫୧ ଲକ୍ଷ ଲୋକଙ୍କୁ ମିଳିବ । ୭୦ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଦିଆଯିବ ।ଏଥିସହ ଜେପି ନଡ୍ଡା ଘୋଷଣା କରିଛନ୍ତି ଯେ ୬୦-୭୦ ବର୍ଷ ବୟସର ବରିଷ୍ଠ ନାଗରିକଙ୍କୁ ୨୫୦୦ ଟଙ୍କା ପେନସନ୍ ଦିଆଯିବ । ୭୦ ବର୍ଷରୁ ଅଧିକ ବୟସ୍କଙ୍କୁ ୩୦୦୦ ଟଙ୍କା ପେନସନ୍ ଦିଆଯିବ । ସେହିପରି ବସ୍ତିରେ ରହୁଥିବା ଲୋକଙ୍କୁ ୫ ଟଙ୍କାରେ ପେଟପୁରା ଖାଦ୍ୟ ଦେବା ପାଇଁ ଅଟଳ କ୍ୟାଣ୍ଟିନ୍ ଯୋଜନା ଆରମ୍ଭ କରାଯିବ ।

# ଅଧରାତିରେ ଦିଲ୍ଲୀ ଏମ୍ସରେ ରାହୁଲ ଗାନ୍ଧି

## ରୋଗୀ ଏବଂ ପରିଜନଙ୍କ ସହ ଆଲୋଚନା




ନୂଆଦିଲ୍ଲୀ,: କଂଗ୍ରେସ ଲୋକସଭା ସାଂସଦ ରାହୁଲ ଗାନ୍ଧି ଗୁରୁବାର ବିଳମ୍ବିତ ରାତିରେ ଦିଲ୍ଲୀ ଏମ୍ସ ଗସ୍ତ କରିଛନ୍ତି । ଏହି ସମୟରେ ବିରୋଧୀ ଦଳ ନେତା ହସ୍ପିଟାଲ ଆଖପାଖ ଥିବା ସଡ଼କ, ଫୁଟପାଥ୍ ଶୋଇଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଛନ୍ତି । ଦେଶର ଏତେ ବଡ଼ ହସ୍ପିଟାଲରେ ଏଭଳି ଅବ୍ୟବସ୍ଥାକୁ ନେଇ ରାହୁଲ ଗାନ୍ଧି ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାକୁ ନେଇ କେନ୍ଦ୍ର ଏବଂ ଦିଲ୍ଲୀ ସରକାରଙ୍କ ଉପରେ ବର୍ଷିଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏହି ଅତର୍କିତ ଗସ୍ତ ନେଇ କଂଗ୍ରେସର ସୋସିଆଲ୍ ମିଡିଆ ହ୍ୟାଣ୍ଡଲରେ ପୋଷ୍ଟ କରାଯାଇଛି । କଂଗ୍ରେସ ପକ୍ଷରୁ ଭିଡିଓ ଏବଂ ପୋଷ୍ଟ କରି ଲେଖାଯାଇଛି ଯେ, ଦିଲ୍ଲୀ ଏମ୍ସରେ ରୋଗୀଙ୍କୁ ମାସ ମାସ ଧରି ସ୍ୱାସ୍ଥ୍ୟସେବା ମିଳୁନାହିଁ। ରୋଗୀସେବା ବିନା ହନ୍ତସନ୍ତ ହେଉଛନ୍ତି ଲୋକେ । ଦିଲ୍ଲୀ ଏମ୍ସରେ ରୋଗୀ ସେବାର ସତ ହେଉଛି, ଅପେକ୍ଷା, ଅସୁବିଧା ଏବଂ ସମ୍ବେଦନଶୀଳତା । ଶହ ଶହ କି.ମି ଦୂରରୁ ଆସୁଥିବା ରୋଗୀ ଏବଂ ତାଙ୍କ ପରିବାର ବର୍ଗ ଭୀଷଣ ଥଣ୍ଡାରେ ଫୁଟପାଥ୍‌ରେ ଶୋଇବାକୁ ବାଧ ହେଉଛନ୍ତି । କେନ୍ଦ୍ର ଏବଂ ଦିଲ୍ଲୀ ସରକାର ରୋଗୀଙ୍କ ସମସ୍ୟା ବୁଝିବା ବଦଳରେ ସେମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ଦେଉଛନ୍ତି । କେବଳ ଏତିକି ନୁହେଁ ରୋଗୀ ଏବଂ ରୋଗୀ ସମ୍ପର୍କୀୟଙ୍କ ସହିତ ରାହୁଲ ଗାନ୍ଧି ଆଲୋଚନା କରିଛନ୍ତି। ଆଗକୁ ରାଜଧାନୀ ଦିଲ୍ଲୀ ବିଧାନସଭା ନିର୍ବାଚନ। ଏଭଳି ସମୟରେ ରାହୁଲ ଗାନ୍ଧିଙ୍କ ଦିଲ୍ଲୀ ଏମ୍ସ ଗସ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏହା ପୂର୍ବରୁ ରାହୁଲ ଗାନ୍ଧି ଜାନୁଆରୀ ୧୪ ତାରିଖରେ କଂଗ୍ରେସର ସୋସିଆଲ୍ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଥିଲେ । ଯେଉଁଥିରେ ରାଜଧାନୀର ଦୁର୍ଗନ୍ଧମୟ ପରିବେଶକୁ ଦେଖାଇଥିଲେ । ଏହାକୁ ନେଇ ଦିଲ୍ଲୀ ସରକାରଙ୍କୁ ମଧ୍ୟ ଟାର୍ଗେଟ୍ କରିଥିଲେ ।


# ଦିଲ୍ଲୀରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ଲାଗୁ ହେବା ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୧: ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ୍-ଏଭିଆଇଏମ୍) କାର୍ଯ୍ୟକାରୀ ହେବା ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଦିଲ୍ଲୀ ହାଇକୋର୍ଟ ତାଙ୍କ ଏକ ନିର୍ଦ୍ଦେଶରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଦିଲ୍ଲୀ ସରକାରଙ୍କ ମଧ୍ୟରେ ବୁଝାମଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୁଝାମଣା ଅନୁଯାୟୀ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ୍-ଏଭିଆଇଏମ୍) କୁ ଜାତୀୟ ରାଜଧାନୀରେ କାର୍ଯ୍ୟକାରୀ କରାଯିବାର ଥିଲା । ତେବେ ଏବେ ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇଛନ୍ତି। ଜଷ୍ଟିସ ବିଆର୍ ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଦିଲ୍ଲୀ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏବେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ଦିଲ୍ଲୀ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ସୁପ୍ରିମକୋର୍ଟରେ ହାଜର ହୋଇଥିଲେ। ରାଜ୍ୟ ତାଲିକାର ଏଣ୍ଟ୍ରି ୧, ୨ ଓ ୧୮ ଅଧୀନରେ କେନ୍ଦ୍ରର କ୍ଷମତା ସୀମିତ ବୋଲି ସିଂଘଭି ଯୁକ୍ତି ବାଢ଼ିଥିଲେ ହେଁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ କ୍ଷମତାକୁ ପୁନଃନିର୍ଦ୍ଧାରଣ କରିଛନ୍ତି।

# ହ୍ୱାଇଟହାଉସରେ ଆକ୍ରମଣ ଉଦ୍ୟମ ତେଲୁଗୁ ଯୁବକଙ୍କୁ ୮ ବର୍ଷ ଜେଲ୍ ଦଣ୍ଡାଦେଶ

ୱାଶିଂଟନ, ୧୭।୧: ହ୍ୱାଇଟହାଉସ ଉପରେ ଆକ୍ରମଣ ଉଦ୍ୟମ କରିଥିବା ଜଣେ ତେଲୁଗୁ ଯୁବକଙ୍କୁ ଆମେରିକାର ଏକ କୋର୍ଟ ୮ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହି ଯୁବକଙ୍କ ନାଁ ସାଇ ବର୍ଷିଥ କାଣ୍ଡୁଲା। ଆମେରିକା ସରକାର ଭାଙ୍ଗି ନାଜି ଚିନ୍ତାଧାରାରେ ଶାସନ କରିବାକୁ ସାଇ ଚିନ୍ତା କରି ଏହି ଆକ୍ରମଣ ଉଦ୍ୟମ କରିଥିଲେ ବୋଲି ଜଣାପଡ଼ିଛି। ୨୦ ବର୍ଷୀୟ ସାଇଙ୍କ ଘର ହାଇଦ୍ରାବାଦର ଚାନ୍ଦନଗର ଅଞ୍ଚଳରେ। ସେ ଆମେରିକାର ମିସୌରୀ ଅନ୍ତର୍ଗତ ସେଣ୍ଟ ଲୁଇରେ ରହିଥିଲେ। ୨୦୨୩ ମେ ମାସ ୨୨ ତାରିଖରେ ସେ ଏକ ଟ୍ରକ ଭଡ଼ାରେ ଆଣି ୱାଶିଂଟନସ୍ଥିତ ହ୍ୱାଇଟହାଉସରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଆମେରିକାରେ ଗଣତାନ୍ତ୍ରିକ ପଦ୍ଧତିରେ ଗଠିତ ସରକାରକୁ ଭାଙ୍ଗି ନାଜି ଚିନ୍ତାଧାରାରେ ଏକଚ୍ଛତ୍ରବାଦ ଶାସନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ତେଣୁ ସେ ଏହି ଆକ୍ରମଣ ଉଦ୍ୟମ କରିଥିଲେ ବୋଲି ପୁଲିସ ତଦନ୍ତରୁ ଜାଣିପାରିଥିଲା।

# ଦୋଷୀ ସାବ୍ୟସ୍ତ ୨୫୦୦ ଅପରାଧୀଙ୍କ ଦଣ୍ଡ କୋହଳ କଲେ ବାଇଡେନ



ୱାସିଂଟନ ୧୭।୧: ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ନିଶା ସାମଗ୍ରୀ ଲାଗି ଦୋଷୀ ସାବ୍ୟସ୍ତ ପାଖାପାଖି ୨,୫୦୦ ଅପରାଧୀଙ୍କ ଦଣ୍ଡ କୋହଳ କରିବାକୁ ଘୋଷଣା କରିଛନ୍ତି। ସେ ଏହି ନିଷ୍ପତ୍ତି ତାଙ୍କ କାର୍ଯ୍ୟକାଳ ସମାପ୍ତ ହେବାର ମାତ୍ର କିଛିଦିନ ପୂର୍ବରୁ ନେଇଛନ୍ତି। ଏହା ସହିତ ବାଇଡେନ ସବୁଠୁ ଅଧିକ ବ୍ୟକ୍ତିଗତ କ୍ଷମାଦାନ ବା କମ୍ୟୁଟେସନ ଜାରି କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଡେମୋକ୍ରାଟ କହିଛନ୍ତି ଯେ ସେ ବର୍ତ୍ତମାନର ଆଇନ, ନୀତି ଓ ବ୍ୟବହାର ଅନୁସାରେ ସେମାନଙ୍କ ଅନୁପାତହୀନ ଦୀର୍ଘ ଦଣ୍ଡକୁ ରଦ୍ଦ କରିବାକୁ ଦାବି କରୁଛନ୍ତି। ଏକ ବୟାନ ଜାରି କରି ବାଇଡେନ କହିଛନ୍ତି ଯେ 'ଆଜିର କ୍ଷମାଦାନ କାର୍ଯ୍ୟାନୁଷ୍ଠାନ ସେହି ଲୋକଙ୍କୁ ଆଶ୍ୱସ୍ତ କରିବ ଯେଉଁମାନଙ୍କୁ ପାଉଡର କୋକେନ ବ୍ୟବହାର ନିମନ୍ତେ ଦୀର୍ଘ ଦଣ୍ଡାଦେଶ ହୋଇଥିଲା । ଏହି କାର୍ଯ୍ୟାନୁଷ୍ଠାନ ଐତିହାସିକ ତ୍ରୁଟିକୁ ସୁଧାରିବା, ଦଣ୍ଡରେ ଥିବା ଅସମାନତାକୁ ଦୂର କରିବା ପାଇଁ ତଥା ଯୋଗ୍ୟ ଲୋକମାନଙ୍କୁ ଜେଲରେ ଅଧିକ ସମୟ ବିତାଇବା ପରେ ତାଙ୍କ ପରିଜନଙ୍କ ସହ ମିଳାଇବା ପାଇଁ।' ତେବେ କମ୍ୟୁଟେସନ ପ୍ରାପ୍ତ କରିଥିବା ଲୋକଙ୍କ ନାମ ହ୍ୱାଇଟ ହାଉସ୍ ପକ୍ଷରୁ ଘୋଷଣା କରାଯାଇ ନାହିଁ। ବାଇଡେନ କହିଛନ୍ତି ଏବେ ଆହୁରି କିଛି ବି ଆସିପାରେ। ସେ ସୋମବାର ନବନିର୍ବାଚିତ ରାଷ୍ଟ୍ରପତିଙ୍କ ଦାୟିତ୍ୱଗ୍ରହଣ ପୂର୍ବର ସମୟକୁ ସଠିକ ଉପଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ସାଇବର ଠକେଇ ଦାଉରୁ ରକ୍ଷା କରିବ 'ସଂଚାର ସାଥୀ ମୋବାଇଲ୍ ଆପ୍'

ନୂଆଦିଲ୍ଲୀ, ୧୭।୧: ଭାରତ ସରକାରଙ୍କ ଦୂରସଂଚାର ବିଭାଗ ଠକେଇ କଲ୍ ଏବଂ ମେସେଜ ବିଷୟରେ ସୂଚନା ଦେବା ପାଇଁ ସଂଚାର ସାଥୀ ମୋବାଇଲ ଆପ୍ ଲଞ୍ଚ କରିଛି। ଶୁକ୍ରବାର କେନ୍ଦ୍ର ଯୋଗାଯୋଗ ଏବଂ ଉତ୍ତର-ପୂର୍ବ ଉନ୍ନୟନ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଦୂରସଂଚାର ବିଭାଗ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସଂଚାର ସାଥୀ ମୋବାଇଲ୍ ଆପ୍'ର ଶୁଭାରମ୍ଭ କରିଛନ୍ତି। ସଂଚାର ସାଥୀ ମୋବାଇଲ ଆପ୍ ହେଉଛି ଏକ ଉପଭୋକ୍ତା ସହାୟକ ପ୍ଲାଟଫର୍ମ, ଯାହା ଟେଲିକମ୍ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାପୂର୍ବରୁ ୨୦୨୩ ମେ ମାସରେ ସଂଚାର ସାଥୀ ପୋର୍ଟାଲ ଆରମ୍ଭ କରାଯାଇଥିଲା । ଏହି ମୋବାଇଲ ଆପକୁ ଉନ୍ମୋଚନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏହି ପଦକ୍ଷେପ କେବଳ ସୁଯୋଗ ପ୍ରଦାନ କରିବ ନାହିଁ ବରଂ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ମଧ୍ୟ ସୁନିଶ୍ଚିତ କରିବ।

# ସିଦ୍ଧାରମୈୟାଙ୍କ ୩୦୦ କୋଟି ଟଙ୍କାର ସମ୍ପତ୍ତି ଜବତ

ବେଙ୍ଗାଲୁରୁ ୧୭।୧: ମୟସୁର ଡେଭଲପମେଣ୍ଟ ଅଥରିଟି (ଏମୟୁଡିଏ) ମନିଲଣ୍ଡ୍ରିଂ ମାମଲାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କାର୍ଯ୍ୟାନୁଷ୍ଠାନ କରିଛି। ଏଥିରେ ସିଦ୍ଧାରମୈୟାଙ୍କ ୩୦୦ କୋଟି ଟଙ୍କାର ଅଚଳ ସମ୍ପତ୍ତି ଜବତ କରାଯାଇଛି। ସଂଘୀୟ ଯାଞ୍ଚ ଏଜେନ୍ସୀ ଶୁକ୍ରବାର ଏହି ସୂଚନା ଦେଇଛି। ଜବତ କରାଯାଇଥିବା ସମ୍ପତ୍ତି ବିଭିନ୍ନ ଲୋକଙ୍କ ନାମରେ ପଞ୍ଜିକୃତ, ଯେଉଁମାନେ ରିୟଲ ଇଷ୍ଟେଟ ବ୍ୟବସାୟୀ ଓ ଏଜେଣ୍ଟ ରୂପେ କାମ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟାଙ୍କ ବିରୋଧରେ ଅଭିଯୋଗ ରହିଛି ଯେ ଏମୟୁଡିଏ ଦ୍ୱାରା ଅଧିଗୃହୀତ ପାଖାପାଖି ୩ ଏକର ଜମି ବଦଳେ ତାଙ୍କ ପତ୍ନୀ ବି.ଏମ.ପାର୍ବତୀଙ୍କ ନାମରେ ୧୪ଟି ସାଇଟରେ କ୍ଷତିପୂରଣ ପ୍ରଦାନ ନିମନ୍ତେ ସେ ତାଙ୍କ ରାଜନୈତିକ ପ୍ରଭାବର ଉପଯୋଗ କରିଛନ୍ତି। ଏହି ଭୂମିକୁ ଏମୟୁଡିଏ ମୂଳରୂପେ ୩ଲକ୍ଷ ୨୪ ହଜାର ୭୦୦ ଟଙ୍କାରେ ଅଧିଗୃହୀତ କରିଥିଲା।

# ଯୁଦ୍ଧ ବିରତି ଚୁକ୍ତିନାମା ଉପରେ ଲାଗିଲା ଚୂଡ଼ାନ୍ତ ମୋହର

## ମାସ ସହ ଡିଲ ଫାଇନାଲ: ଇସ୍ରାଏଲ ପ୍ରଧାନମନ୍ତ୍ରୀ



ଜେରୁଜେଲମ, ୧୭।୧: ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଶୁକ୍ରବାର ନିଶ୍ଚିତ କରିଛନ୍ତି ଯେ କାତାରରେ ଇସ୍ରାଏଲୀ ଏବଂ ହମାସ ଦଳ ମଧ୍ୟରେ ବନ୍ଧକମାନଙ୍କୁ ମୁକ୍ତ କରିବା ଏବଂ ଗାଜାରେ ଯୁଦ୍ଧବିରତି କାର୍ଯ୍ୟକାରୀ କରିବା ପାଇଁ ଏକ ଚୁକ୍ତି ହୋଇଛି। ଇସ୍ରାଏଲୀ ଗଣମାଧ୍ୟମ ଏହି ସୂଚନା ଦେଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଶୁକ୍ରବାର ଚୁକ୍ତି ଉପରେ ଭୋଟ ଦେବା ପାଇଁ ଏକ ସୁରକ୍ଷା କ୍ୟାବିନେଟ ବୈଠକ ଡାକିଛନ୍ତି, ଏବଂ ତା'ପରେ ସରକାରୀ ଅନୁମୋଦନ ପାଇଁ ଏକ ପୂର୍ଣ୍ଣ କ୍ୟାବିନେଟ ଅଧିବେଶନ ଅନୁଷ୍ଠିତ ହେବ ବୋଲି ଟାଇମ୍ସ ଅଫ ଇସ୍ରାଏଲ ରିପୋର୍ଟ କରିଛି, ଯାହା ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟରୁ ଏକ ବିବୃତ୍ତିକୁ ଉଦ୍ଧୃତ କରିଛି। ଇସ୍ରାଏଲୀ ଆଲୋଚନା ଦଳ ନେତାନ୍ୟାହୁଙ୍କୁ ସୂଚନା ଦେଇଥିଲେ ଯେ ଚୁକ୍ତିନାମା ସଫଳତାର ସହ ସମାପ୍ତ ହୋଇଛି। ସେ ଦଳକୁ ସେମାନଙ୍କ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ଚୁକ୍ତିନାମାକୁ ୧୫ ମାସ ଧରି ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହା ଅଧୀନରେ, ଇସ୍ରାଏଲ ଯେଉଁ ପାଲେଷ୍ଟାଇନୀ ବନ୍ଦୀମାନଙ୍କୁ ବନ୍ଦୀ ଭାବରେ ରଖିଛି ସେମାନଙ୍କୁ ମୁକ୍ତ କରିବ, କିନ୍ତୁ ହମାସ ଏହାର ଅନେକ ବନ୍ଧକଙ୍କୁ ମୁକ୍ତ କରିବ। ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ନିଶ୍ଚିତ କରିଛି ଯେ ବାକି ୯୮ ବନ୍ଧକଙ୍କ ପରିବାରକୁ ସୂଚନା ଦିଆଯାଇଛି ଏବଂ ସେମାନଙ୍କ ଫେରିବା ପାଇଁ ପ୍ରସ୍ତୁତି ଚାଲିଛି। ଇସ୍ରାଏଲ ଆମର ସମସ୍ତ ବନ୍ଧକଙ୍କୁ (ଜୀବିତ ଏବଂ ମୃତ) ଫେରାଇ ଆଣିବା ସମେତ ଏହାର ସମସ୍ତ ଯୁଦ୍ଧ ଲକ୍ଷ୍ୟ ହାସଲ କରିବାକୁ ପ୍ରତିବଦ୍ଧ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହା କହିଛି। ବୁଧବାର, ମଧ୍ୟସ୍ଥତାକାରୀ ଦେଶ କତାର, ଆମେରିକା ଏବଂ ଇଜିପ୍ଟ ଏକ ଚୁକ୍ତିନାମା ଘୋଷଣା କରିଛନ୍ତି। ଏହା ଅଧୀନରେ, ଇସ୍ରାଏଲୀ ବନ୍ଧକ ଏବଂ ପାଲେଷ୍ଟାଇନୀ କଏଦୀମାନଙ୍କୁ ପର୍ଯ୍ୟାୟକ୍ରମେ ମୁକ୍ତ କରାଯିବ ଏବଂ ଗାଜାରେ ଯୁଦ୍ଧ ମଧ୍ୟ ଶେଷ ହେବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଘୋଷଣା ପରଠାରୁ ଇସ୍ରାଏଲୀ ଆକ୍ରମଣରେ ଡଜନ ଡଜନ ପାଲେଷ୍ଟାଇନୀଙ୍କ ମୃତ୍ୟୁ ହୋଇଛି। ହମାସ ୭ ଅକ୍ଟୋବର ୨୦୨୩ରେ ଦକ୍ଷିଣ ଇସ୍ରାଏଲ ଉପରେ ଆକ୍ରମଣ କରି ପ୍ରାୟ ୧୨୦୦ ଲୋକଙ୍କୁ ହତ୍ୟା କରିଥିଲା ଏବଂ ୨୫୧ ଜଣଙ୍କୁ ଗାଜାକୁ ବନ୍ଧକ ନେଇଥିଲା। ଏହା ପରେ, ଇସ୍ରାଏଲ ପାଲେଷ୍ଟାଇନୀ ଗୋଷ୍ଠୀ ଦ୍ୱାରା ଅଧିକୃତ ଗାଜା ଷ୍ଟ୍ରିପରେ ସାମରିକ ଆକ୍ରମଣ ଆରମ୍ଭ କରିଥିଲା। ହମାସ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଇସ୍ରାଏଲୀ ଆକ୍ରମଣରେ ୪୬,୦୦୦ ରୁ ଅଧିକ ପାଲେଷ୍ଟାଇନୀଙ୍କ ମୃତ୍ୟୁ ହୋଇଛି।

# ବୈକୁଣ୍ଠଧାମ ଆଶ୍ରମରେ ବୁଲିଲା ବୁଲଡୋଜର

ଭୁବନେଶ୍ୱର(ନିପ୍ର): ଶୁକ୍ରବାର ଖଣ୍ଡଗିରି ସ୍ଥିତ ବୈକୁଣ୍ଠଧାମ ଆଶ୍ରମରେ ବୁଲଡୋଜର ବୁଲିଛି। ଫଳରେ ଆଶ୍ରମଟି ମାଟିରେ ମିଶିଯାଇଛି। ବିଡିଏ ପକ୍ଷରୁ ବୁଲଡୋଜ ଚଢ଼ାଇ ବୈକୁଣ୍ଠଧାମ ଆଶ୍ରମକୁ ଭଙ୍ଗାଯାଇଛି। ସରକାରୀ ଜମିରେ ବେଆଇନ୍ ନିର୍ମାଣ ହେତୁ ଏହାକୁ ଭଙ୍ଗାଯାଇଥିବା ବିଡିଏ କର୍ତ୍ତୃପକ୍ଷ କହିଛନ୍ତି। ଏହାକୁ ଭଙ୍ଗାଯିବ ବୋଲି ବିଡ଼ିଏ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିଲା। ସରକାରୀ ଜମି ଜବର ଦଖଲ କରି ବୈକୁଣ୍ଠଧାମ ତିଆରି ହୋଇଥିବା ବିଡ଼ିଏ ପକ୍ଷରୁ କୁହାଯାଇଥିଲା। ଯଥାଶୀଘ୍ର ସେହି ଜମି ଖାଲି କରିବାକୁ ବିଡ଼ିଏ କହିଥିଲା। ଏହାପରେ ବିଡ଼ିଏ ବୁଲଡୋଜର ଆଶ୍ରମରେ ଚାଲିଛି। ଜବର ଦଖଲ ହଟାଯିବା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ପ୍ରଶାସନ ଅବା ବିଡ଼ିଏ ଦାୟୀ ରହିବେ ନାହିଁ ବୋଲି ଘୋଷଣା କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଜବର ଦଖଲ ହଟାଇବାକୁ ଲକ୍ଷ୍ୟ ରଖାଯାଇଥିବା ବିଡ଼ିଏ ପକ୍ଷରୁ ସୂଚନା ଜାରି ହୋଇଥିଲା। ଆଶ୍ରମ ଖାଲି କରାଯିବା ପରେ ବିଡ଼ିଏ ଏହି ଆଶ୍ରମକୁ ଭାଙ୍ଗିଛି। ହାଇକୋର୍ଟଙ୍କ ସମ୍ମୁଖରେ ମିଥ୍ୟା ସତ୍ୟପାଠ କରି ଆଶ୍ରମ କର୍ତ୍ତୃପକ୍ଷ ବିଭ୍ରାନ୍ତ କରୁଥିବା ଅଭିଯୋଗ ହୋଇଥିଲା। ତେଣୁ ହାଇକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ରହିତାଦେଶକୁ ହଟାଇ ଦିଆଯାଇଥିଲା। ଗୁରୁବାର ବୈକୁଣ୍ଠ ଧାନ ଆଶ୍ରମ ଭାଙ୍ଗିବା ପାଇଁ ବିଡିଏ ନିର୍ଦ୍ଦେଶ ଦେଇଥିଲା। ଉଲ୍ଲେଖଥାଉ କି, ଖଣ୍ଡଗିରିରେ ୧୪୦ ଡିସିମିଲ୍ ସରକାରୀ ଜମିରେ ବୈକୁଣ୍ଠଧାମ ଆଶ୍ରମ ନିର୍ମାଣ ହୋଇଥିଲା। ଏଠାରେ ବାବା ଶ୍ରୀଶ୍ରୀଶ୍ରୀ ସତ୍ୟ ଅନନ୍ତ ମାଧବ ଲୀଳାଖେଳା କରୁଥିଲେ। ସେ ପ୍ରତିଦିନ ଭକ୍ତଙ୍କୁ ଭେଟୁଥିଲେ ଓ ପ୍ରବଚନ ଦେଉଥିଲେ। ନିକଟରେ ବାବାଙ୍କ ଗୋଟିଏ ଫଟୋ ସୋସିଆଲ ମିଡିଆରେ




ଭାଇରାଲ ହୋଇଥିଲା। ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ବିବାଦର ମୂଳ କାରଣ ଥିଲା କୁନି ବାବାଙ୍କ ପାଦ ତଳେ ତୁଳସୀ ଥିବା ଦେଖିବାକୁ ମିଳିଥିଲା। ଏହା ଶ୍ରଦ୍ଧାଳୁଙ୍କୁ ବେଶ୍ ମାନସିକ ଆଘାତ ଦେଇଥିଲା। ୨୦୨୫ ଜାନୁଆରି ୧୦ ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଜବର ଦଖଲ ହଟାଇବା ନେଇ ବିଡ଼ିଏ ଉପରେ ଲାଗୁ ହୋଇଥିବା ରହିତାଦେଶକୁ ହଟାଇ ଦେଇଥିଲେ। ଏହାପରେ ବିଡ଼ିଏ ପକ୍ଷରୁ ଜବର ଦଖଲ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ୨୦୨୪ ନଭେମ୍ବର ୧୮ ତାରିଖରେ ସାଧାରଣ ପ୍ରଶାସନ, ବିଡ଼ିଏ ଓ ଭୁବନେଶ୍ୱର ତହସିଲର ମିଳିତ ଟିମ୍ ଶ୍ରୀ ବୈକୁଣ୍ଠଧାମ ଆଶ୍ରମରେ ୨ ଘଂଟା ଧରି ମାପଚୁପ କରିଥିଲା । ୮ କୋଟି ଟଙ୍କା ମୂଲ୍ୟର ସରକାରୀ ଜମିରେ ବେଆଇନ ମଣ୍ଡପ, କୋଠା ଆଉ ରୋଷଶାଳା ନିର୍ମାଣ ହୋଇଥିବା ଜଣାପଡ଼ିଥିଲା । ୨୦୨୪ ନଭେମ୍ବର ୨୧ ଅପରାହ୍ନରେ ବିଡିଏ କାର୍ଯ୍ୟାଳୟରେ ଆୟୋଜିତ ଉଚ୍ଚସ୍ତରୀୟ କମିଟି ବୈଠକରେ ସାଧାରଣ ପ୍ରଶାସନ ବିଭାଗ, ଭୁବନେଶ୍ୱର ମହାନଗର ନିଗମର ଅଧିକାରୀ, ଜୋନାଲ କମିସନର, ପୁଲିସ ଅଧିକାରୀ ଆଶ୍ରମ ଭାଙ୍ଗିବା ନେଇ ଆଲୋଚନା କରିଥିଲେ। ତେବେ ଜବର ଦଖଲ ହଟାଯିବା ପାଇଁ ଧାର୍ଯ୍ୟ ହୋଇଥିବା ତାରିଖର ଗୋଟିଏ ଦିନ ପୂର୍ବରୁ ଆଶ୍ରମ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଶ୍ରମ କର୍ତ୍ତୃପକ୍ଷ ମିଥ୍ୟା ସତ୍ୟପାଠ ମଧ୍ୟ ଦାଖଲ କରିଥିଲେ। ଏହା ଏକ ଯୋଗାସନ ଶିକ୍ଷାକେନ୍ଦ୍ର ବୋଲି ଆଶ୍ରମ କର୍ତ୍ତୃପକ୍ଷ ସତ୍ୟପାଠ ଦାଖଲ କରିଥିଲେ। ୨୦୨୨ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଲେଖାଯାଇଥିବା ଚିଠିକୁ ମଧ୍ୟ ସତ୍ୟପାଠରେ ସଂଲଗ୍ନ କରାଯାଇଥିଲା। ଚିଠିରେ ଗଣଶିକ୍ଷା ବିଭାଗ ଏହି ଜମିକୁ ଟ୍ରଷ୍ଟ ନାମରେ କରିବା ଲାଗି ସୁପାରିଶ କରିଥିବା ଦର୍ଶାଯାଇଥିଲା। ଆଶ୍ରମ କର୍ତ୍ତୃପକ୍ଷଙ୍କ ସତ୍ୟପାଠ ଆଧାରରେ ହାଇକୋର୍ଟ ବିଡ଼ିଏର ଜବର ଦଖଲ ହଟାଇବା କାର୍ଯ୍ୟ ଉପରେ ରହିତାଦେଶ ଜାରି କରିଥିଲେ। ଏହା ସହିତ ଏନେଇ ହାଇକୋର୍ଟଙ୍କ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଜବାବ ତଲବ କରାଯାଇଥିଲା। ଏହା ପରେ ଆଶ୍ରମକୁ ନେଇ ହୋଇଥିବା ଜାଲିଆତି ଜଣାପଡ଼ିଥିଲା। ଖଣ୍ଡଗିରିରେ ୧୪୦ ଡିସିମିଲ୍ ସରକାରୀ ଜମିରେ ବୈକୁଣ୍ଠଧାମ ଆଶ୍ରମ ନିର୍ମାଣ ହୋଇଥିଲା। ଏଠାରେ ବାବା ଶ୍ରୀଶ୍ରୀଶ୍ରୀ ସତ୍ୟ ଅନନ୍ତ ମାଧବ ଲୀଳାଖେଳା କରୁଥିଲେ। ସେ ପ୍ରତିଦିନ ଭକ୍ତଙ୍କୁ ଭେଟୁଥିଲେ ଓ ପ୍ରବଚନ ଦେଉଥିଲେ। ନିକଟରେ ବାବାଙ୍କ ଗୋଟିଏ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ବିବାଦର ମୂଳ କାରଣ ଥିଲା କୁନି ବାବାଙ୍କ ପାଦ ତଳେ ତୁଳସୀ ଥିବା ଦେଖିବାକୁ ମିଳିଥିଲା। ଏହା ଶ୍ରଦ୍ଧାଳୁଙ୍କୁ ବେଶ୍ ମାନସିକ ଆଘାତ ଦେଇଥିଲା।

## ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ୍
## ୮ବର୍ଷ ପରେ ଇଡି ପକ୍ଷରୁ ଚାର୍ଜଫ୍ରେମ ହେଲା




ଭୁବନେଶ୍ୱର(ନିପ୍ର): ବହୁ ଚର୍ଚ୍ଚିତ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ୍ ଦୁର୍ନୀତି ମାମଲାରେ ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ କୋର୍ଟରେ ଦୁଇ ପ୍ରମୋର୍ଟରଙ୍କ ନାଁରେ ଚାର୍ଜଫ୍ରେମ୍ କରିଛି। ଦୁଇ ପ୍ରମୋଟର ହେଲେ ଗୌତମ କୁଣ୍ଡୁ ଓ ଶିବମୟ ଦତ୍ତ। ଏହି ମହାଠକେଇରେ ସେମାନଙ୍କ ଭୂମିକା କ'ଣ ଥିଲା ଏବଂ ସେମାନଙ୍କ ବିରୋଧରେ କେଉଁ କେଉଁ ଦଫାରେ ମାମଲା ଚାଲିବ, ସେନେଇ ଆଜି ଇଡି କୋର୍ଟରେ ତଥ୍ୟ ଦାଖଲ କରିଛି। ୨୦୧୬ ମସିହାରେ ଏହି ପ୍ରମୋଟରଦ୍ୱୟଙ୍କ ବିରୋଧରେ କୋର୍ଟରେ ମାମଲା ରୁଜୁ କରାଯାଇଥିଲା। ୮ବର୍ଷ ପରେ ଆଜି ଚାର୍ଜଫ୍ରେମ୍ କରାଗଲା। ଏହାପରେ ମାମଲାର ଶୁଣାଣି କାର୍ଯ୍ୟକ୍ରମ ଆଗେଇବ। ଚାର୍ଜଫ୍ରେମ୍ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲେ ହେଁ ଜମାକାରୀମାନେ ସେମାନଙ୍କ ଅର୍ଥ ଫେରି ପାଇବାର ଆଶା ବଢ଼ିଛି ବୋଲି କୁହାଯାଉଛି। ଇଡି ପକ୍ଷରୁ ମିଳିଥିବା ସୂଚନାନୁସାରେ ରୋଜ୍‌ଭ୍ୟାଲି ସଂସ୍ଥାର ୩୩୨ କୋଟି ଟଙ୍କାର ସ୍ଥାବର ସଂପତ୍ତିକୁ ଭୁବନେଶ୍ୱର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି। ଏହି ସ୍ଥାବର ସଂପତ୍ତିର ମୂଲ୍ୟ ବର୍ତ୍ତମାନ ସୁଧ ସହ ୪୦୦କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ୨୦୧୫ ମାର୍ଚ୍ଚ ୧୫ରେ ଇଡି ରୋଜ୍‌ଭ୍ୟାଲିର ପ୍ରମୋଟର ଗୌତମ କୁଣ୍ଡୁଙ୍କୁ ଗିରଫ କରିଥିଲା। ୨୦୧୬ରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଆଜି ଇଡି କୋର୍ଟରେ ଚାର୍ଜଫ୍ରେମ୍ କରିବା ପରେ ହତାଶ ହୋଇପଡ଼ିଥିବା ଜମାକାରୀମାନଙ୍କୁ ଏକପ୍ରକାର ଆଶ୍ୱସ୍ତି ମିଳିଛି। ତ୍ୱରିତ ଶୁଣାଣି ପ୍ରକ୍ରିୟା ବଳରେ ଜମାକାରୀମାନେ ସେମାନଙ୍କ ପୁଞ୍ଜି ଫେରି ପାଇବେ ବୋଲି ଅଧିକ ଆଶାବାଦୀ ହୋଇପଡ଼ିଛନ୍ତି।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ଦେବଭୂମି ଛକଠାରେ ଅଜଣା ଗାଡି ଧକ୍କାରେ ଜଣେ ଏକ୍ସଲି ଚାଳକ ରାଜୀବ ଗୌଡ଼ଙ୍କ ମୃତ୍ୟୁ ହୋଇଛି । ନିରାଳ ଗ୍ରାମର ରାଜୀବ ଦେବଭୂମି ଗ୍ରାମକୁ ରାଜମିସ୍ତ୍ରୀ କାମ କରିବା ସକାଶେ ଆସିଥିଲେ । କାମ ସାରି ସେ ନିଜ ଗ୍ରାମ ନିରାଳକୁ ଫେରୁଥିବା ସମୟରେ ଦେବଭୂମି ଛକଠାରେ ଅଜଣା ଗାଡି ଧକ୍କା ଦେବାରୁ ସଂଜ୍ଞାହୀନ ହୋଇ ରାସ୍ତା କଡରେ ପଡି ଯାଇଥିଲେ । ଖବର ପାଇ ଆସିକା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୁର୍ମୁର୍ଷୁ ଅବସ୍ଥାରେ ରାଜୀବଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏକ୍ସଲ ଗାଡିକୁ ଜବତକରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ଚାଷୀଙ୍କ ରାସ୍ତା ଅବରୋଧ



ରଣପୁର(ନିପ୍ର): ରଣପୁର ବ୍ଲକ ଗୋପାଳପୁର ନୀଳକଣ୍ଠେଶ୍ୱର ସେବା ସମବାୟ ସମିତି ଚାଷୀଙ୍କଠାରୁ ଏଫଏକ୍ୟୁ ମାନର ଧାନ କିଣିବା ନେଇ ଚାଲିଥିବା ଅନିଶ୍ଚିତତା ବିରୋଧରେ ଆରମ୍ଭ ହୋଇଥିବା ଚାଷୀ ଆନ୍ଦୋଳନ ଉଗ୍ରରୂପ ନେଇ ରଣପୁର-ଚାନ୍ଦପୁର ରାସ୍ତାକୁ ଅବରୋଧ କରିଥିଲେ । ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ମଟର ଦୀର୍ଘ ସମୟ ଅଟକି ରହିଥିଲା। ରଣପୁର ଥାନା ଭାରପ୍ରାପ୍ତ ଅଧିକାରୀ ମୁକେଶ ବେହେରା ନିଜର ପୋଲିସ ବଳ ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା ବେଳେ ସ୍ଥାନୀୟ ତହସିଲଦାର ଆର୍ଯ୍ୟ କୁମାର ଓ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକ ପ୍ରଶାସନ ତରଫରୁ ଉପସ୍ଥିତ ଥାଇ ଆନ୍ଦୋଳନକାରୀ ଚାଷୀ ଓ ଚାଷୀ ନେତାଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ପ୍ରଶାସନ ସହ ନୀଳକଣ୍ଠେଶ୍ୱର ସେବା ସମବାୟ ସମ୍ପାଦକ ଅରୁଣ କୁମାର ମିଶ୍ର ଶନିବାରଠାରୁ ଚାଷୀଙ୍କଠାରୁ ଟୋକନ ମୁତାବକ କ୍ରମାନ୍ୱୟରେ ଧାନ କିଣିବାର ଦୃଢ଼ ପ୍ରତିଶ୍ରୁତି ଦେବା ପରେ ଚାଷୀଙ୍କ ରାସ୍ତା ଅବରୋଧ ଆନ୍ଦୋଳନ ହଟିଥିଲା। ଭବିଷ୍ୟତରେ ଚାଷୀଙ୍କ ପ୍ରତି ଓ ଧାନ କିଣାରେ ସରକାର ଓ ପ୍ରଶାସନ ଟାଳଟୁଳ ନୀତି କଲେ ତୀବ୍ର ଆନ୍ଦୋଳନ ହେବ ବୋଲି କ୍ରିୟାନୁଷ୍ଠାନ କମିଟି ତରଫରୁ ଚେତାବନୀ ଦିଆଯାଇଛି।

## ଟ୍ରାଫିକ ପୋଲିସକୁ ମାଡ଼ମାରି ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): କାର୍ଯ୍ୟରତ ଜଣେ ଟ୍ରାଫିକ କର୍ମଚାରୀକୁ ମାଡ ମାରିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଗ୍ୟାରେଜ ଛକ ଗାୟତ୍ରୀ ବସ୍ତିରେ ରହୁଥିବା ଏନ ଲିଙ୍ଗରାଜ ଦୋରା। ପୁଲିସ ତାକୁ କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାରେ ଅନ୍ୟତମ ଅଭିଯୁକ୍ତ ଫେରାର ଅଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ କାହ୍ନୁ ଚରଣ ପ୍ରତିହାରୀ ଟ୍ରାଫିକ ଥାନା-୧ ରେ ଟ୍ରାଫିକ କନଷ୍ଟେବଲ ଭାବେ କାର୍ଯ୍ୟ ନିର୍ବାହ କରନ୍ତି। ଘଟଣା ଦିନ ଅର୍ଥାତ ତା.୧୪.୦୧.୨୦୨୫ ରିଖ ଦିନ ସେ ଗ୍ୟାରେଜ ଛକରେ ଟ୍ରାଫିକ ପରିଚାଳନା ଦାୟିତ୍ୱରେ ନିୟୋଜିତ ଥିଲେ। ସକାଳ ୧୧ଟା ସମୟରେ ଅଭିଯୁକ୍ତ ତାଙ୍କର ଜଣେ ସହଯୋଗୀଙ୍କ ସହିତ ମିଶି ଏକ ମୋଟରସାଇକେଲ ଯୋଗେ ରବିଟକିଜ ଛକରୁ ସାମନ୍ତରାପୁର ଛକ ଅଭିମୁଖେ ଯାଉଥିଲେ। ଗ୍ୟାରେଜ ଛକ ନିକଟରେ ଦୁଇ ଅଭିଯୁକ୍ତ ମୋଟରସାଇକେଲ ଛିଡାକରି ଅଭିଯୋଗକାରୀଙ୍କୁ ଖରାପ ଇଙ୍ଗିତ କରି ପାଖକୁ ଡ଼ାକିଥିଲେ। ଅଭିଯୋଗକାରୀ ଜଣକ ଅଭିଯୁକ୍ତଙ୍କ ନିକଟକୁ ଯାଇ ତାଙ୍କୁ ସେଭଳି ଭାବରେ ଡାକିବାର କାରଣ ପଚାରିବାରୁ, ଉଭୟ ଅଭିଯୁକ୍ତ ହଠାତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ମାଡ଼ ମାରିଥିଲେ ଏବଂ ପାଖରେ ଥିବା ୱେୟାରଲେସ ଯନ୍ତ୍ରଟିକୁ ଜୋରଜବରଦସ୍ତ ଛଡାଇ ନେବା ଲାଗି ପ୍ରୟାସ କରିଥିବା ବେଳେ, ତାଙ୍କୁ ନାନାପ୍ରକାର ଧମକ ମଧ୍ୟ ଦେଇଥିଲେ। ଯାହାଫଳରେ ଜଣେ କର୍ତ୍ତବ୍ୟନିଷ୍ଠ ପୁଲିସ କର୍ମଚାରୀଙ୍କ କାର୍ଯ୍ୟରେ ଏହା ବାଧା ସୃଷ୍ଟି କରିଥିଲା। ଘଟଣା ଘଟାଇବା ପରେ ଦୁଇ ଅଭିଯୁକ୍ତ ଲିଙ୍ଗରାଜ ମନ୍ଦିର ଅଭିମୁଖେ ଖସି ପଳାଇଯାଇଥିଲେ । ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଘଟଣା ସ୍ଥଳ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଂଚ କରିଥିଲେ। ଘଟଣାର ତଦନ୍ତ ଚାଲିଥିବା ବେଳେ, ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଜଣେ ଅଭିଯୁକ୍ତଙ୍କୁ ଗାୟତ୍ରୀ ବସ୍ତି ଅଂଚଳରୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ଘଟଣାରେ ବ୍ୟବହୃତ ମୋଟରସାଇକେଲକୁ ମଧ୍ୟ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ। ଅଭିଯୁକ୍ତର ପୂର୍ବ ଅପରାଧିକ ସଂପୃକ୍ତି ଯାଂଚ ବେଳେ, ତାଙ୍କ ନାମରେ ପୂର୍ବରୁ ମଧ୍ୟ ଲିଙ୍ଗରାଜ ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ଜଣା ପଡିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଥିବା ବେଳେ, ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ ଲାଗି ଚଢଉ ଜାରି ରହିଛି ।

## ନକଲି ପିସ୍ତଲ ସହ ଜଣେ ଗିରଫ




ଛତ୍ରପୁର (ନିପ୍ର): ଗୋଟିଏ ବାଇକ ସହିତ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଚମାଖଣ୍ଡି ପୋଲିସ । ସୂଚନା ପ୍ରକାରେ ଗତ କିଛିଦିନ ହେଲା ପୋଲିସ ଆଖିରେ ଧୂଳିଦେଇ ବିଭିନ୍ନ ସ୍ଥାନ ରେ ଦୁର୍ବୃତ୍ତମାନେ ବାଇକ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଛତ୍ରପୁର ଏସଡିଓ ଗୌରହରି ସାହୁ, ଚମାଖଣ୍ଡି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଏଏସଆଇ ଅରୁଣ କୁମାର ରାଉତ ଏକ ଟିମ ଗଠନ କରାଯାଇଥିଲା । ଏହି ଟିମ ବିଭିନ୍ନ ସ୍ଥାନ ଚଢ଼ାଉ କରି ସରୋଜ ପଣ୍ଡାକୁ ଧରିଥିଲେ । ତାକୁ ଗିରଫ କରି ପୋଲିସ ଗୋଟିଏ ବାଇକ, ଗୋଟିଏ ସ୍କୁଟି, ଦୁଇଟି ଖଣ୍ଡା ଓ ଗୋଟିଏ ନକଲି ପିସ୍ତଲ ଜବତ କରିଥିବା ଏଏସଆଇ ଅରୁଣ କୁମାର ରାଉତ ସୂଚନା ଦେଇଛନ୍ତି ।

### ଟାଟା ପାଓ୍ୱାର ଉପଭୋକ୍ତା ଶୋଷଣ ନୀତି ବିରୁଦ୍ଧରେ
## କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ପ୍ରତିବାଦ

କଟକ(ନିପ୍ର): ଟାଟା ପାଓ୍ୱାର ଉପଭୋକ୍ତା ଶୋଷଣ ନୀତି ବିରୁଦ୍ଧରେ କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରିପେଡ଼ ମିଟରକୁ ବିରୋଧ କରି ବିକାଶ ପରିଷଦର ସଭାପତି ମାନସ ପରିଡ଼ାଙ୍କ ଅଧକ୍ଷତାରେ ସ୍ଥାନୀୟ ଜଗତପୁର ଗୋଲେଇଛକ ସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସଂପ୍ରତି ଭଲ ଥିବା ପୁରୁଣା ମିଟରକୁ ବଦଳାଇ ଟାଟା ପାଓ୍ୱାର ପକ୍ଷରୁ ପ୍ରିପେଡ଼ ମିଟର ବସାଇବାକୁ ଯୋଜନା କରାଯାଉଛି । ପ୍ରିପେଡ଼ ମିଟର ଲାଗିଲେ ଗରିବ, ଖଟିକିଆ, ମୂଲିଆ ଓ ସାଧାରଣ ଉପଭୋକ୍ତା ହଇରାଣ ହେବେ ବୋଲି ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଦ୍ୟୁତ ଉପଭୋକ୍ତ ମଞ୍ଚ ସଭାପତି ପ୍ରତ୍ୟୁଷ ସାହୁ, ଜଗତପୁର ବିଦ୍ୟୁତ ଉପଭୋକ୍ତା ସଂଘ ସଭାପତି ତୀର୍ଥାନନ୍ଦ ପଣ୍ଡା, ଟାଙ୍ଗୀ ଚୌଦ୍ୱାର ବିଦ୍ୟୁତ ଉପଭୋକ୍ତା ମଞ୍ଚ ସଭାପତି ଜୟ ସିଂହ, ବରିଷ୍ଠ ନାଗରିକ ସଂଘ ସଂପାଦକ ପଦ୍ମନାଭ ବେହେରା, ଜଗତପୁର ଟ୍ରକ ମାଲିକ ସଂଘ ସଭାପତି ଦିଲ୍ଲୀପ ଜେନା, ବାମପନ୍ଥୀ ନେତା ଉଦୟ କେଶରୀ ବର୍ମା, କଂଗ୍ରେସ ନେତା ଅଲେଖ ଚନ୍ଦ୍ର ବେହେରା, ଶିଶିର ରଥ, ମନୋଜ ବିଶ୍ୱାଳ, ନିର୍ମଳ ସ୍ୱାଇଁ, ରଶ୍ମିକାନ୍ତ ସାମଲ, ଦୀପକ ମଙ୍ଗରାଜ, ବିଜେଡ଼ି ଓ୍ୱାର୍ଡ଼ ସଭାପତି ବିଜୟ ଭୂୟାଁ, ନାରୀନେତ୍ରୀ ମୋନାଲିସା ଦାସ, ବସ୍ତିସଂଘ ନେତା ଚିତ୍ତ ରଂଜନ ମହାନ୍ତି, ଯୁବନେତା ସଚିଦାନନ୍ଦ ରାଉତ ପ୍ରମୁଖ ପ୍ରତିବାଦ ସଭାରେ ଯୋଗ ଦେଇ ଟାଟା ପାଓ୍ୱାରର ଉପଭୋକ୍ତା ମାରଣନୀତିକୁ ସମାଲୋଚନା କରିଥିଲେ । ବିଶେଷକରି ପ୍ରିପେଡ଼ ମିଟର ପ୍ରଚଳନ ବନ୍ଦ କରିବା, ଆଭରେଜ ବିଲ ନକରି ମିଟର ରିଡ଼ିଂ ଅନୁଯାୟୀ ବିଲ କରିବା ସମେତ ୮ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ ବିଭାଗର ଜେନେରାଲ ମାନେଜରଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ବିଳାସ ବିଶ୍ୱାଳ, ଚିରଞ୍ଜୟ ବେହେରା, ବିଜୟ ମିଶ୍ର, ଶିବ ପ୍ରଧାନ, ସୁବାସ ସୁବୁଦ୍ଧିରାୟ, ଅଜୟ ଦାସ, ଲକ୍ଷ୍ମୀଧର ଶରଣ, ମାଧବ ବିଶ୍ୱାଳ, ଅଶୋକ ମିଶ୍ର, ରବିନ୍ଦ୍ର ପରିଡ଼ା ପ୍ରମୁଖ ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ । କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ଥାଣୁ ପାଲଟିଛି ପୋଲିସ ଓ ଅବକାରୀ ବିଭାଗ
## ରଣପୁରରେ ନିଶା କାରବାର ବୃଦ୍ଧି: ପଥଭ୍ରଷ୍ଟ ଯୁବପିଢ଼ି

ରଣପୁର(ନିପ୍ର): ନୟାଗଡ ଜିଲ୍ଲା ରଣପୁର ଥାନା ଅଞ୍ଚଳରେ ବ୍ୟାପକ ନିଶାକାରବାର ବୃଦ୍ଧି ଘଟିଥିବା ବେଳେ ଦିନକୁ ଦିନ ଯୁବପିଢ଼ି ପ୍ରଥଭ୍ରଷ୍ଟ ହେଉଥିବାର ଦେଖିବାକୁ ମିଳୁଛି । ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ନିଷ୍କ୍ରିୟ ବା ସ୍ଥାଣୁ ପାଲଟିଥିବା ଅଭିଯୋଗ ହେଉଛି । ଗତ କିଛି ବର୍ଷ ତଳେ ରଣପୁର ଅଞ୍ଚଳରେ ଧଳାଜହର ବା ପାଉଡର ନିଶା କାରବାର ବୃଦ୍ଧି ଘଟିଥିବା ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ରଣପୁର ପୋଲିସ ଓ ଅବକାରୀ ବିଭାଗ ଆକ୍ସନ ମୁଡ଼କୁ ଆସି ବହୁ ନିଶା କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଫଳରେ ରଣପୁର ଅଞ୍ଚଳରେ କିଛି ମାତ୍ରାରେ ନିଶା କାରବାର ବନ୍ଦ ରହିଥିଲା । ମାତ୍ର ଏବେ ପୁନର୍ବାର ତାହା କାୟାବିସ୍ତାର କରିବାରେ ଲାଗିଛି । ରଣପୁରରୁ ଖୋର୍ଦ୍ଧା ଓ ରାଜଧାନୀ ପର୍ଯ୍ୟନ୍ତ ଏହାର ଚେର ଲମ୍ବି ରହିଥିବା ଅଭିଯୋଗ ହେଉଛି । ରଣପୁର ଥାନା ଅଞ୍ଚଳ ଏନଏସି ଓ ଗ୍ରାମାଞ୍ଚଳର ବହୁ ଯୁବଗୋଷ୍ଠୀ ଖୁଲମଖୁଲା ନିଶା ସେବନ କରିବା ସହିତ ରୋଗାଗ୍ରସ୍ତ ହେଉଛନ୍ତି । ଦୈନିକ ନିଶା ଖାଇବାକୁ ଆବଶ୍ୟକ ଅର୍ଥ ପାଇଁ ଘରେ କଳହ କରି ଘରର ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ଶାଗମାଛ ଦରରେ ବିକ୍ରି କରୁଛନ୍ତି । ଏହି ନିଶା ସେବନ କରି ଚୋରି ଡକାୟତି ଆଦି କାର୍ଯ୍ୟ ଲିପ୍ତ ରହିବା ସହିତ ଗାଁମାନଙ୍କରେ ଗଣ୍ଡଗୋଳ ଭିଆଉଛନ୍ତି । ଯାହାକୁ ନେଇ ସାଧାରଣ ଲୋକେ ନାହିଁନଥିବା ହଇରାଣ ହେଉଛନ୍ତି । ଏହି ନିଶା କାରବାର ନେଇ ପୋଲିସ ଓ ଅବକାରୀ ବିଭାଗ ପାଖରେ ଅଭିଯୋଗ ଥିଲେ ମଧ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ନିଶାଡି ଓ ନିଶା କାରବାରରେ ସମ୍ପୃକ୍ତ ମାଫିଆମାନେ ବେଫିକର ଭାବେ କାରବାର ବୃଦ୍ଧି କରୁଛନ୍ତି । ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର କହ୍ଲେଇପାଲିସ୍ଥିତ ରାଜୀବ ଗାନ୍ଧୀ ସ୍ମାରକୀ ଆଦିବାସୀ ଯୁକ୍ତଦୁଇ କଲେଜରେ ଶୁକ୍ରବାର ଆଠଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସର୍ବମୋଟ ୪୬ ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। କଲେଜ ଅଧକ୍ଷ ଡିଲେଶ୍ୱର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ଅଧକ୍ଷ ଅତୁଲ୍ୟ କୁମାର ମହାକୁଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ତାଲିମ ଛାତ୍ରୀମାନଙ୍କ ପାଇଁ ସୁରକ୍ଷା କବଚ ହେବ ବୋଲି କହିଥିଲେ। କୋଅର୍ଡିନେଟର ତଥା ଅଧାପକ ଦିଲିପ କୁମାର ନାୟକ ସଭାପରିଚାଳନା କରିଥିଲେ। ସୁଶ୍ରୀ ଅଞ୍ଜନା କିଷାନ ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ପ୍ରଫୁଲ୍ଲ କୁମାର ପଣ୍ଡା, ସୁବୋଧ କୁମାର ସାହୁ, ସନାତନ ବିଶୋଇ,ଫକିର ମୋହନ ଦଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ।

## ରାଜସ୍ୱ ମନ୍ତ୍ରୀଙ୍କ ଜିଲ୍ଲାସ୍ତରୀୟ ସମୀକ୍ଷା: ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱ

ବ୍ରହ୍ମପୁର /ଛତ୍ରପୁର(ନିପ୍ର) ରାଜସ୍ୱ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ସରକାର ଯତ୍ନବାନ । ମହିଳା ମାନଙ୍କୁ ସଶକ୍ତିକରଣ କରାଯାଇଛି। ଯେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନକ୍ରୟ କାରବାର ନିମନ୍ତେ ଇଚ୍ଛା ପ୍ରକାଶ କରୁନାହାନ୍ତି, ସେମାନଙ୍କୁ ବାଦ ଦେଇ ଅନ୍ୟ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସେହି ସୁଯୋଗ ଦେବା ସକାଶେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଚାଷୀଙ୍କ ଦ୍ୱାରା ଉତ୍ପାଦନ ଧାନର ମାନ ସେମାନେ ବ୍ୟବହାର କରୁଥିବା ଚାରା ଉପରେ ନିର୍ଭର କରେ । ସେମାନେ ଯେଭଳି ଉତ୍ତମ ମାନର ଚାରା ବ୍ୟବହାର କରିଥିବେ ସେହି ଅନୁସାରେ ଅମଳ ହୋଇଥାଏ । ଏଣୁ ଉତ୍ତମ ଚାରାର ବ୍ୟବହାର ଦିଗରେ ଗୁରୁତ୍ୱ ଆରୋପ କରିଥିଲେ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ । ଶୁକ୍ରବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲା ଗସ୍ତ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ବିଭାଗ ସମେତ ଧାନ କ୍ରୟ, ଶିଳ୍ପ ଏବଂ ଅନ୍ୟାନ୍ୟ ବିଭାଗର କାର୍ଯ୍ୟକାରିତା ଘେନି ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ଆସ୍କା ବିଧାୟକ ସରୋଜ କୁମାର ପାଢୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡଃ ପ୍ରମୋଦ କୁମାର ପୃଷ୍ଟି ସମେତ ଜିଲ୍ଲାର ସମସ୍ତ ଉପ ଜିଲ୍ଲାପାଳ, ତହସିଲଦାର ଏବଂ ରାଜସ୍ୱ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା



କରଣ ନେଇ ଆଲୋଚନା ହୋଇଥିଲା । ଧ ଚଳିତ ମାସ ୩ ତାରିଖରୁ ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଅଦିନିଆ ବର୍ଷା ହୋଇଥିବା ଅଞ୍ଚଳରେ ଚାଷୀ ମାନଙ୍କର ଧାନର ସ୍ଥିତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଜାଣିବାକୁ ଚାହିଁଥିଲେ । ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ଧାନକ୍ରୟ କାର୍ଯ୍ୟ ଶେଷ ହୋବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ଅବଗତ କରାଇଥିଲେ । ଯେଉଁ ଚାଷୀ ମାନଙ୍କର ଧାନ ଗମିଯାଇଛି ସେଗୁଡିକ ମଧ କ୍ରୟ କରିବା ଦିଗରେ ଚାଷୀଙ୍କ ଠାରେ ସ୍ପଷ୍ଟ କରାନ୍ତୁ ବୋଲି ଦିଗପହଣ୍ଡି ବିଧାୟକ ଶ୍ରୀ ମହାପାତ୍ର ଅବଗତ କରାଇଥିଲେ । ସରକାର ଚାଷୀମାନଙ୍କୁ ସହାୟତା ଦେବା ସକାଶେ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ କରି କହିଥିଲେ । ଗଞ୍ଜାମ ଜିଲ୍ଲାରେ ଯଥେଷ୍ଟ ମଣ୍ଡି ନାହିଁ। ଟେଣ୍ଡର ଆହ୍ୱାନ କରି ନୂତନ ମଣ୍ଡି କରାଯିବ । ଆସନ୍ତା ଖରିଫ୍ ବେଳକୁ ମଣ୍ଡି ପ୍ରସ୍ତୁତ ହୋଇଯାଇଥିବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ । ଆଦିବାସୀ ଜମିକୁ ଅଣ ଆଦିବାସୀ ଯଦି ଅକ୍ତିଆର କରିଛନ୍ତି ତେବେ କ୍ଷେତ୍ର ପରିଦର୍ଶନ କରି ସେଗୁଡିକ ତଦନ୍ତ କରି ଆଦିବାସୀ ଜମି ଗୁଡିକ ଯେଭଳି ଆଦିବାସୀଙ୍କ ଦଖଲରେ ରହିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ପଟ୍ଟା ପ୍ରଦାନ ଦିଗରେ ଆର. ଆଇ., ଅମିନ ଗଣ ତରବରିଆ ଯାଞ୍ଚ ନକରି ସଠିକ ସମୟ ନେଇ ଯାଞ୍ଚ କରନ୍ତୁ ବୋଲି କୁହାଯାଇଥିଲା । ହିତାଧିକାରୀଙ୍କ ପରିବାର ବର୍ଗଙ୍କୁ ଦିଆଯାଉଥିବା ସରକାରୀ ଜମି ସେମାନଙ୍କର ଆବଶ୍ୟକତା କରୁଥିବା ଅଞ୍ଚଳରେ ଦିଆଗଲେ ସେମାନେ ପ୍ରକୃତ ଦଖଲ କରି ସେମାନଙ୍କର ଚାହିଦାକୁ ପୂରଣ କରିବେ । ତାହାକୁ ଆକଳନ କରି ପଟ୍ଟା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜଣାଇଥିଲେ ।

DSPL-329

ODISHA NEW OPPORTUNITIES | CII Confederation of Indian Industry

# MAKE IT GROW

## Accelerate Industries and Innovations in Odisha

From Tech to Textiles, and beyond, the **Utkarsh Odisha - Make in Odisha Conclave 2025** will showcase the state's industrial prowess and future-ready, pro-business initiatives and microclimate.

Come, let's huddle together, network and collaborate, to create an Odisha that will be a force multiplier of economic and sustained growth and unbounded prosperity for all sections of society.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




### Join The Incubation, Skilling And Start-up Ecosystem With:

Start-up Odisha | Women Entrepreneurship enable by SUBHADRA | Countries-of-Focus Session | Skilled in Odisha

**BECOME A PART OF THE "VIKSIT ODISHA 2036" JOURNEY**

# INVEST IN ODISHA, INVEST IN FUTURE

**REGISTER NOW**

Scan to Register

**Visit us at https://mio.investodisha.gov.in**

Networking Opportunities -B2G MEETINGS | Gala Cultural Events | 6 Thematic Sessions | Grand Make In Odisha Expo | 12 Sectoral Sessions | Vision Viksit Odisha 2036 Showcase

OIPR-14005/13/0025/2425

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ